ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.209 Bhubaneswar Wednesday September 27 2023 | ୨୬ତମ ବର୍ଷ | ସଂଖ୍ୟା-୨୦୯ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ନିଜସ୍ୱ ପ୍ରଚାର ପାଇଁ ବାଣ୍ଟିଛନ୍ତି ୨୪୩ କୋଟିର ବିଜ୍ଞାପନ, ପାତରଅନ୍ତର କରୁନୁ କହି ଫାଙ୍କିଦେଲେ ସରକାର

ଭୁବନେଶ୍ୱର, ୨୬।୯(ପି.ଏନ): ରାଜ୍ୟର କ୍ଷମତାସୀନ ବିଜେଡି ସରକାର ବିଗତ ୧୦ବର୍ଷ ମଧ୍ୟରେ ଜନହିତରେ ସୂଚ଼ନା ଓ ବିଭିନ୍ନ ପ୍ରଚ଼ାର ଓ ପ୍ରସାର ଆଳରେ ନିଜସ୍ୱ ବାହାବା ପାଇଁ ଗଣମାଧ୍ୟମକୁ ୨୪୨.୬୭କୋଟି ଟଙ୍କାର ବିଜ୍ଞାପନ ଦେଇଛନ୍ତି । କେବଳ ସୂଚ଼ନା ଓ ଲୋକସମ୍ପର୍କ ବିଭାଗ ଏହି ପରିମାଣର ବିଜ୍ଞାପନ ଦେଇଥିବା ବେଳେ ଅନ୍ୟାନ୍ୟ ବିଭାଗ ଉକ୍ତ ଅବଧି ମଧ୍ୟରେ ସମାନ୍ତରାଳ ଭାବେ ଦେଇଥିବା ବିଜ୍ଞାପନକୁ ମିଶାଇଲେ ଏହି ଅର୍ଥ ବ୍ୟୟ ପରିମାଣର ଅଧିକ ହେବ । ତେବେ ବିଜ୍ଞାପନ ଦେବାବେଳେ ଦଳୀୟ



ଭିତ୍ତିରେ ପାତରଅନ୍ତର ନୀତି ଅନୁସରଣ କରାଯାଉଥିବା ଅଭିଯୋଗକୁ ସରକାର ଖଣ୍ଡନ କରିଛନ୍ତି । ଯଦିଓ ଏବେବି ସରକାର ରାଜ୍ୟର ଦୁଇଟି ସର୍ବାଧିକ ଲୋକାଦୃତ ପ୍ରମୁଖ ଗଣମାଧ୍ୟମ ସଂସ୍ଥାକୁ କୌଣସି କାରଣ ନଦର୍ଶାଇ ଦୀର୍ଘଦିନ ଧରି ବିଜ୍ଞାପନ ବନ୍ଦ କରିଥିବା ଜଣାପଡିଛି ।ଆଜି ବିଧାନସଭାରେ ବିଧାୟକ ଶଙ୍କର ଓରାମ ଓ ନବଚ଼ରଣ ମାଝୀଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ରାଜ୍ୟ ସୂଚ଼ନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ୍ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଜନହିତରେ ସୂଚ଼ନା, ବିଭିନ୍ନ ଯୋଜନାର ପ୍ରଚ଼ାରପ୍ରସାର ବାବଦରେ ରାଜ୍ୟ ସୂଚ଼ନା ଓ ଲୋକସମ୍ପର୍କ ବିଭାଗରୁ ବିଗତ ୧୦ବର୍ଷ ମଧ୍ୟରେ ମୋଟ ୨୪୨କୋଟି ୬୭ଲକ୍ଷ ୬୪ହଜାର ୩୭୩ଟଙ୍କା ଖର୍ଚ୍ଚ ହୋଇଛି । ଏଥିରେ ସର୍ବାଧିକ ୧୬୫.୦୪କୋଟି ଟଙ୍କା ବିଜ୍ଞାପନ ଆକାରରେ ରାଜ୍ୟ ସରକାରଙ୍କ ଯୋଜନା ଓ ସୂଚ଼ନାର ପ୍ରଚ଼ାର ପ୍ରସାରବାବଦରେ ବିଭିନ୍ନ ଖବରକାଗଜ ସଂସ୍ଥାକୁ ଦିଆଯାଇଛି । ସେହିପରି ବୈଦ୍ୟୁତିକ ଗଣମାଧ୍ୟମକୁ ୪୦.୬୪କୋଟି ଟଙ୍କାର ବିଜ୍ଞାପନ ବଂଟନ କରାଯାଇଛି । ସରକାରଙ୍କ ନିଜସ୍ୱ ପ୍ରଚ଼ାର ପୁସ୍ତିକ 'ଆଇନା' ଛାପିବା ଓ ବଂଟନ ପାଇଁ ୨୬.୬୪କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସରକାରଙ୍କ ସଫଳତାର ସନ୍ଦେଶ ଥିବା ହୋର୍ଡିଂ ଲଗାଇବାରେ ୩.୨୫କୋଟି ଟଙ୍କା ଏବଂ ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚ଼ାରପ୍ରସାରରେ ୭.୦୯କୋଟି ଟଙ୍କା ଖର୍ଚ୍ଚ କେବଳ ସୂଚ଼ନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ହୋଇଛି ।

## ଆସନ୍ତା ୨୮ ତାରିଖକୁ ଛୁଟି ଘୋଷଣା କଲେ ସରକାର

ଭୁବନେଶ୍ୱର, ୨୬।୯(ପିଏନ): ରାଜ୍ୟ ସରକାର ପ୍ରଫେଟ ମୋହମ୍ମଦଙ୍କ ଜୟନ୍ତୀ ପାଇଁ ରାଜ୍ୟ ସରକାର ଆଗାମୀ ୨୮ ତାରିଖ ଦିନ ଛୁଟି ଘୋଷଣା କରିଛନ୍ତି । ପୂର୍ବରୁ ୨୯ ତାରିଖ ଦିନ ଛୁଟି ରହିବ ବୋଲି ଘୋଷଣା କରାଯାଇଥିଲା । ଏବେ ଏହାକୁ ପରିବର୍ତନ କରି -ପୂର୍ବରୁ ୨୯ ପରିବର୍ତ୍ତେ ୨୮ରେ ସରକାରୀ ଛୁଟି ଘୋଷଣା କରାଯାଇଛି ।

## ବିଧାନସଭାରେ ୬ ବିଲ୍ ପାସ୍

ଭୁବନେଶ୍ୱର, ୨୬।୯(ପିଏନ): ଓଡିଶା ବିଧାନସଭାରେ ମଙ୍ଗଳବାର ୬ଟି ବିଲ୍ ପାରିତ ହୋଇଛି । ଏହା ମଧ୍ୟରେ ରହିଛି ଓଡ଼ିଶା ଆପାର୍ଟମେଂଟ (ମାଲିକାନା ଓ ପରିଚାଳନା) ବିଲ୍ , ଓଡିଶା ପଦ ଓ ସେବାରେ ଶୂନ୍ୟସ୍ଥାନ ଆରକ୍ଷଣ (ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିମାନଙ୍କ ପାଇଁ) ସଂଶୋଧନ ବିଲ୍ , ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତିକରଣ ନିବାରଣ (ସଂଶୋଧନ) ବିଲ୍, ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ବିଲ୍ , ଦ୍ରବ୍ୟ ଓ ସେବା କର (ସଂଶୋଧନ) ବିଲ୍ ଏବଂ ପୌର ବିଧି ସଂଶୋଧନ ବିଲ୍ ପାରିତ ହୋଇଛି ।

## ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ରାତି ପହୁଡ଼ରେ ବିଳମ୍ବ

ପୁରୀ, ୨୬।୯(ପିଏନ): ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ରାତି ପହୁଡରେ ବିଳମ୍ବ ଘଟିଛି । ଆଜି ଭୋର୍ ୫ଟା ୫ ମିନିଟ୍ ରାତି ପହୁଡ଼ ଅନୁଷ୍ଠିତ ହୋଇଥିଲା । ସେଥିପାଇଁ ଆଜି ବିଳମ୍ବରେ ଅର୍ଥାତ୍ ସକାଳ ୭ଟା ୨୫ରେ ଦ୍ୱାରଫିଟା ଯାଇ ୮ଟାରେ ଭିତର ଶୋଧ ହୋଇଥିଲା । ସକାଳ ୮ଟା ୧୦ରେ ମଙ୍ଗଳଆଳତୀ, ୮ଟା ୧୫ ରେ ମଇଲମ, ୮ଟା ୪୦ରେ ତଡ଼ପ ଲାଗି, ୮ଟା ୫୫ରେ ଅବକାଶ ଠା ପୂଜା, ୯ଟାରେ ଅବକାଶ ପୂଜା ଓ ୯ଟା ୧୫ ରେ ଅବକାଶ ଶେଷ ହୋଇଛି । ଏହାପରେ ଅନ୍ୟାନ୍ୟ ନୀତି ଚାଲୁରହିଥିବା ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ଜଣାପଡିଛି । ଶ୍ରୀମନ୍ଦିରରେ ବାରମ୍ବାର ନୀତି ବିଳମ୍ବ ଏବଂ ଦ୍ୱାରଫିଟାରେ ବିଳମ୍ବ ଯୋଗୁଁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଆଜି ମଧ୍ୟ ଚାଲିପାରିଲାନି ବିଧାନସଭା; ପ୍ରଶ୍ନକାଳ ଓ ଶୂନ୍ୟକାଳ ହୋଇ ପାରିଲା ନାହିଁ

ଭୁବନେଶ୍ୱର, ୨୬।୯(ପିଏନ): ମଙ୍ଗଳବାର ମଧ୍ୟ ବିଧାନସଭା ଚାଲି ପାରି ନାହିଁ । ବିରୋଧୀ ଦଳର ବିଧାୟକ ତଥା ସରକାରୀ ଦଳର ବିଧାୟକ ମାନଙ୍କର ନାରାବାଜୀ କାରଣରୁ ଗୃହ ଆଜି ଚାଲି ପାରି ନାହିଁ । ହଟ୍ଟଗୋଳ କାରଣରୁ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲିକ ଗୃହ କାର୍ଯ୍ୟକୁ ୧୦.୩୦ରୁ ୧୨ ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ଆଜି ପ୍ରଶ୍ନକାଳ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ଏହା ପରେ ମଧ୍ୟ ସେହି ସମାନ ସ୍ଥିତି ଲାଗି ରହିଥିଲା । ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ପୁଣି ଥରେ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ପୂର୍ବ ନିର୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିଜେପି ବିଧାୟକ ମାନେ ହାତରେ କଳା ବ୍ୟାଜ ପରିଧାନ କରି ତାଙ୍କର ପ୍ରଶ୍ନ ଗୁଡିକୁ କାହିଁକି ଅସ୍ୱୀକାର କରା ଯାଉଛି ବୋଲି ପ୍ରଶ୍ନ କରି ନାରାବାଜୀ କରିଥିଲେ । ଅନ୍ୟ ପକ୍ଷରେ ସରକାରୀ ଦଳର ବିଧାୟକ ମାନେ କୃଷକ ମାନଙ୍କର ଏମଏସପି ବଢାଇବାକୁ ଦାବି ରି ନିଜ ନିଜ ଆସନରେ ରହି ନାରାବାଜୀ କରିଥିଲେ । ବାଚସ୍ପତି ବିଜେପି ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯରେ ସହଯୋଗ କରିବାକୁ ନିବେଦନ କରିଥିଲେ । ହେଲେ ସେମାନେ ନାରାବାଜୀ ଜାରୀ ରଖିଥିଲେ । ଏହା ପରେ ବାଚସ୍ପତି ଗୃହର କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବାକୁ ସର୍ବଦଳୀୟ ବୈଠକ ଡାକିବା ସହ ଗୃହ କାର୍ଯ୍ୟ ୧୨ ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉପ ବାଚସ୍ପତି ଗୃହକୁ ଆଉ ୫ ମିନିଟ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ । ୧୨.୦୫ରେ ପୁଣିଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେପି ବିଧାୟକ ମାନେ ନିଜ ନିଜ ଆସନରୁ ଉଠି ବାଚସ୍ପତିଙ୍କ ପୋଡିୟମ ତଳକୁ ଆସି ନାରାବାଜୀ କରିଥିଲେ । ବିଜେଡି ବିଧାୟକ ମାନେ ନିଜ ନିଜ ଆସନରେ ଠିଆ ହୋଇ ଏମଏସପି ମାମଲାରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ । ବାଚସ୍ପତି ସମସ୍ତଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ । ହେଲେ ସ୍ଥିତିରେ କୌଣସି ପ୍ରକାର ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ଅଭିଯୋଗ

ଭୁବନେଶ୍ୱର, ୨୬।୯(ପିଏନ): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି । ପୁଅ ଜନ୍ମ ହୋଇଛି ବୋଲି ନର୍ସ କହିଥିବା ବେଳେ ପରେ ଝିଅ ଆଣି ଦେଇଥିବା ଅଭିଯୋଗ କରିଛନ୍ତି କେନ୍ଦ୍ରାପଡା ରାଜକନିକା ଅଂଚଳର ପ୍ରାଣକୃଷ୍ଣ ବିଶ୍ୱାଳ । ସେ କ୍ୟାପିଟାଲ ହସପିଟାଲ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିବା ସହ ଶିଶୁର ଡିଏନଏ ଟେଷ୍ଟ କରିବାକୁ ଦାବି କରିଛନ୍ତି । ଏହାସହ ସେ କ୍ୟାପିଟାଲ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କ୍ୟାପିଟାଲ ହସପିଟାଲ ନିର୍ଦ୍ଦେଶକ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ସୁପରିଂଟେଣ୍ଡେଂଟଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ତଦନ୍ତ କରିବ । ଦରକାର ପଡ଼ିଲେ ଛୁଆର ଡିଏନଏ ଟେଷ୍ଟ କରାଯିବ । ସୂଚନା ଅନୁଯାୟୀ ଭୁବନେଶ୍ୱର ରୁଚିକା ମାର୍କେଟ୍ ଅଂଚଳରେ ରହୁଥିବା ରାଜକନିକାର ପ୍ରାଣକୃଷ୍ଣ ତାଙ୍କ ପତ୍ନୀ ସମିତାଙ୍କୁ ଡେଲିଭରି ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

# ଡିସେମ୍ବର ସୁଦ୍ଧା ସରିବ କାମ, ଜାନୁଆରୀ ୨୨ରେ ପ୍ରତିଷ୍ଠା ହେବ ଭବ୍ୟ ରାମ ମନ୍ଦିର

ନୂଆଦିଲ୍ଲୀ, ୨୬।୯(ପି.ଏନ): ଉତ୍ତର ପ୍ରଦେଶର ଅଯୋଧାରେ ଚ଼ାଲିଥିବା ୩ ମହଲା ବିଶିଷ୍ଟ ଭବ୍ୟ ରାମ ମନ୍ଦିରର କାମ ଚ଼ଳିତ ବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ । ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର ନିର୍ମାଣ କାମ ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ । ଏହାପରେ ମନ୍ଦିରର ପ୍ରତିଷ୍ଠା ଜାନୁଆରୀ ୨୨ରେ କରାଯିବ ବୋଲି ମନ୍ଦିର ନିର୍ମାଣ କମିଟିର ଅଧକ୍ଷ ନୃପେନ୍ଦ୍ର ମିଶ୍ରା କହିଛନ୍ତି ।ପିଟିଆଇକୁ ସାକ୍ଷାତକାର ଦେବା ବେଳେ ସେ କହିଛନ୍ତି ଯେ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ୨୦ରୁ ୨୪ ଯାଏ ଚ଼ାଲିବାକୁ ଥିବା



ବେଳେ ଏଥିରେ ଗୋଟିଏ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ତେବେ ସେ କେଉଁ ଦିନ ନିର୍ଦ୍ଦିଷ୍ଟ ଭାବେ ଆସିବେ, ସେକଥା ସ୍ଥିର କରାଯାଇ ନାହିଁ । ତାରିଖ ଚୂଡାନ୍ତ ହେବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଜଣାଇ ଦିଆଯିବ ।

# ସହକାରୀ ଜିଲ୍ଲାପାଳଙ୍କ ମୃତ୍ୟୁ ମାମଲା : ପୁଲିସର ନିଷ୍କ୍ରିୟତା ଓ ସିବିଆଇ ତଦନ୍ତ ଦାବିରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଆଦିବାସୀ, କହିଲେ ବଡ ଲୋକଙ୍କ ନାମ ଥିବାରୁ ପୁଲିସ ନିରବ

ରାଉରକେଲା, ୨୬।୯(ପିଏନ): ରାଉରକେଲା ଏଡିଏମ ଅଫିସରେ ସହକାରୀ ଜିଲ୍ଲାପାଳ ଭାବେ କାମ କରୁଥିବା ସସ୍ମିତା ମିଂଜ ୩୫ଙ୍କର ଶବ ଆରଏସପି ୭ ତାଳା ସମ୍ମୁଖ ପାର୍କର ଏକ ପୋଖରୀରୁ ଗତ ୧୯ ତାରିଖରେ ମିଳିବା ଘଟଣାରେ ବଡ ବଡ ଲୋକଙ୍କ ସଂପୃକ୍ତି ଥିବାରୁ ପୁଲିସର ତଦନ୍ତ ଓ ପୋଷ୍ଟମର୍ଟମ ରିପୋର୍ଟ ସନ୍ତୋଷଜନକ ନୁହେଁ, ଷଡଯନ୍ତ୍ର କରି ସସ୍ମିତାଙ୍କୁ ହତ୍ୟା କରାଯାଇଛି, ତେଣୁ ଏହାର ସିବିଆଇ ତଦନ୍ତ ଦାବିକରି ଆଜି ସୁନ୍ଦରଗଡ ଆଦିବାସୀ ମଂଚ ପକ୍ଷରୁ ହଜାର ହଜାର ଆଦିବାସୀ ରାଉରକେଲା ଏଡିଏମ ଅଫିସକୁ ଘେରାଉ କରିଛନ୍ତି ।ଘଟଣାରୁ ପ୍ରକାଶ, ସସ୍ମିତାଙ୍କ ଶବ ୧୯ ତାରିଖରେ ଏକ ପାର୍କରୁ ମିଳିବା ପରେ ତାଙ୍କ ଭାଇ ଓ ମା କହିଥିଲେ ଏହି ଘଟଣାରେ ସୁନ୍ଦରଗଡ ଜିଲ୍ଲାପାଳ, ରାଉରକେଲା ଏଡିଏମ ଓ ଜଣେ ବିଡିଓଙ୍କର ସଂପୃକ୍ତି ରହିଛି । ଏମାନେ ତାଙ୍କ ଝିଅ ର ମୃତ୍ୟୁ ଲାଗି ଦାୟି, ତେଣୁ ସେମାନେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୁଲିସ ବଡ ଲୋକଙ୍କ ନାମ ଥିବାରୁ ଏତଲାରେ ସେମାନଙ୍କୁ ସଂପୃକ୍ତି କରିନାହିଁ ତେଣୁ ଏହି ଘଟଣାରେ ଆଉ ପୁଲିସ ଉପରେ ସେମାନଙ୍କର ଭରଷା ନାହିଁ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଉ । ଏହି ଘଟଣାକୁ ନେଇ ଗତକାଲି ରାଉରକେଲା କଂଗ୍ରେସ ପକ୍ଷରୁ ପଶ୍ଚିମାଂଚଳ ଡିଆଇଜିଙ୍କୁ ଭେଟି ଘଟଣାର ତଦନ୍ତ ଲାଗି ଦାବି କରାଜିବା ପରେ ଆଜି ସୁନ୍ଦରଗଡ ଆଦିବାସୀ ମଂଚ ରଣହୁଂକାର ଦେଇ ଘଟଣାର ସିବିଆଇ ତଦନ୍ତ ଦାବି କରିଛି । ଏନେଇ ଏଯାଏ ସୁନ୍ଦରଗଡ ଜିଲ୍ଲାପାଳ, ରାଉରକେଲା ଏଡିଏମ, ବିଡିଓ ଓ ପୋଷ୍ଟମର୍ଟମ ଅଧିକାରୀ ମୁହଁ ଖୋଲି ନାହାନ୍ତି । ଏହି ଘଟଣାକୁ ନେଇ ଜିଲ୍ଲାରେ ଆଦିବାସୀ ମାନେ ଏକତ୍ରିତ ହେବା ସହ ତାଙ୍କ ଜାତିର ଜଣେ ଶିକ୍ଷିତା ମହିଳାଙ୍କୁ ନ୍ୟାୟ ଦେବା ଲାଗି ଦାବି ଗାଁ ଗାଁ ରେ ଜୋର ଧରିବାରେ ଲାଗିଛି । ଜିଲ୍ଲାରେ ଏହା ଧିରେ ଧିରେ ଅଚଳା ଅବସ୍ଥା ସୃଷ୍ଟି କରିବାକୁ ଯାଉଥିବା ବେଳେ ପୁଲିସ ଜିଲ୍ଲା ମୁଖ୍ୟ ମଧ ନୀରବ । ତେଣୁ ସରକାର ତୁରନ୍ତ ଏହାର ସମାଧାନ ଲରିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛ

# ପୂର୍ବତନ ଅର୍ଥମନ୍ତ୍ରୀଙ୍କ ନାଁରେ ଜାରି ହେଲା ଗିରଫ ପରୱାନା

ନୂଆଦିଲ୍ଲୀ, ୨୬।୯(ପି.ଏନ): ପଞ୍ଜାବର ପୂର୍ବତନ ଅର୍ଥମନ୍ତ୍ରୀ ମନପ୍ରୀତ ସିଂହ ବାଦଲଙ୍କ ଅଡୁଆ ବଢ଼ିଛି । ତାଙ୍କ ନାଁରେ ଆଜି ପଞ୍ଜାବର ଗୋଟିଏ କୋର୍ଟ ଗିରଫ ପରୱାନା ଜାରି କରିଛନ୍ତି । ଭଟିଣ୍ଡା ଠାରେ ସେ କିଣିଥିବା ଜମିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହି କାରଣରୁ କୋର୍ଟ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଛନ୍ତି ।ଏହାପୂର୍ବରୁ ପଞ୍ଜାବ ଭିଜିଲାନ୍ସ ବ୍ୟୁରୋ ମନପ୍ରୀ ସିଂହ ବାଦଲଙ୍କ ବିରୋଧରେ ଲୁକ ଆଉଟ ସର୍କ୍ୟୁଲାର ଜାରି କରିଥିଲା । ଜାନୁଆରୀ ମାସରେ ବାଦଲ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ । ତେବେ ଏହି ସମୟରେ ବିଜେପି ନେତା



ସରୂପ ଚ଼ାନ୍ଦ ସିଙ୍ଗାଲ ଅଭିଯୋଗ କରିଥିଲେ ଯେ ମନପ୍ରୀତ ସିଂହ ବାଦଲ କଂଗ୍ରେସ ସରକାର ସମୟରେ ନିଜ ମନ୍ତ୍ରୀ ପଦର ଅପବ୍ୟବହାର କରି ଦୁଇଟି ବ୍ୟବସାୟିକ ପ୍ଲଟକୁ ନିଜ ପାଇଁ ଆବାସିକ ପ୍ଲଟରେ ପରିଣତ କରିଥିଲା । ଏହାକୁ ନେଇ ବେଶ ବିବାଦ ଆରମ୍ଭ ହୋଇଥିଲା । ଘଟଣାର ତଦନ୍ତ ଭିଜିଲାନ୍ସ ଆରମ୍ଭ କରିଥିଲା ।

# ନୀଳଚକ୍ରନଗରରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ :୨୫ଲକ୍ଷ ଟଙ୍କାର ବ୍ରାଉନ ସୁଗର,ନଗଦ ଟଙ୍କା ସହ ଅଭିଯୁକ୍ତ ଗିରଫ

ପୁରୀ, ୨୬।୯(ପି.ଏନ):ଜିଲ୍ଲା ଅବକାରୀ ବିଭାଗକୁ ମଙ୍ଗଳବାର ନିଶା କାରବାର ବିରୋଧରେ ବଡ ସଫଳତା ମିଳିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅଧୀନ ନୀଳଚକ୍ର ନଗରରେ ଚଢାଉ କରି ଜଣେ ନିଶା କାରବାରରେ ସମ୍ପୃକ୍ତ ଜଣେ ଯୁବକଙ୍କ ଠାରୁ ୨ଶହ ୫୭ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହ ତା ନିକଟରୁ ନଗଦ ୫୨ହଜାର ୬ଶହ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅଧୀନ ନୀଳଚକ୍ର ନଗରର ସୟାମତ ଖାନ ବୋଲି ସୂଚନା ମିଳିଛି । ସୂଚନା ମୁତାବକ,ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦିଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ,ଅବକାରୀ ଅଧିକାରୀ ସିର୍ଦ୍ଧେଶ୍ୱର ମଲ୍ଲିକଙ୍କ ନେତୃତ୍ୱରେ ବିଶ୍ୱସ୍ତ ସୁତ୍ରରୁ ଖବର ପାଇଁ ସଦର ଥାନା ଅଧୀନ ନୀଳଚକ୍ର ନଗରରେ ଚଢାଉ କରାଯାଇଥିଲା । ଚଢାଉ ବେଳେ



ଅବକାରୀ କର୍ମଚାରୀମାନେ ଅଭିଯୁକ୍ତ ସୟାମତ ଖାନକୁ ମାଡି ବସିବାରେ ସକ୍ଷମ ହୋଇଛନ୍ତି । ଅବକାରୀ କର୍ମଚାରୀମାନେ ଅଭିଯୁକ୍ତ ନିକଟରୁ ୨ଜଣ ସାକ୍ଷୀଙ୍କ ଉପସ୍ଥିତିରେ ୨ଶହ ୫୭ଗ୍ରାମ ବ୍ରାଉନ ସୁଗର ସହ ନଗଦ ୫୨ହଜାର ୬ଶହ ଟଙ୍କା ଜବତ କରିଛନ୍ତି । ଜବତ ବ୍ରାଉନ ସୁଗରର ବଜାର ମୂଲ୍ୟ ପ୍ରାୟ ୨୫ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଅବକାରୀ ଅଧିକାରୀ ସିର୍ଦ୍ଧେଶ୍ୱର ମଲ୍ଲିକଙ୍କ ଅଭିଯୋଗକ୍ରମେ ପୁଲିସ ଅଭିଯୁକ୍ତକୁ ଗିରଫ କରି ତା ବିରୋଧରେ ଏନଡିପିଏସ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

# କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୩ ଆୟୋଜିତ

ଭୁବନେଶ୍ୱର, ୨୬।୯(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ହ୍ୟାକ୍‌ଟେଷ୍ଟ-୨୦୨୩ ଶୀର୍ଷକ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୩ (ଏସ୍ଆଇଏଚ୍-୨୦୨୩) ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏସ୍ଆଇଏଚ୍ ନିର୍ଦ୍ଦେଶାବଳୀ ଅନୁସାରେ ଉତ୍ପାଦ ସର୍ଜନାର ସଂସ୍କୃତି ଓ ସମସ୍ୟା ସମାଧାନ କରିବାର ମାନସିକତା ବିକଶିତ କରିବାରେ ଏକ ମଞ୍ଚ ପ୍ରଦାନ କରିବା ହେଉଛି ଏଭଳି ହାକାଥନ୍ ଆୟୋଜନ କରିବାର ଉଦ୍ଦେଶ୍ୟ । ଏହି ପ୍ରକ୍ରିୟାର ଏକ ଅଂଶବିଶେଷ ଭାବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏସଆଇଏଚ୍-୨୦୨୩ର ବିଭିନ୍ନ ବିଷୟବସ୍ତୁ ଉପରେ ଏକ ହ୍ୟାକ୍‌ଟେଷ୍ଟର ଆୟୋଜନ କରାଯାଇଥିଲା । ଏଥିରେ ୧୧୬୪ଜଣ ଛାତ୍ରଛାତ୍ରୀଙ୍କୁ ନେଇ ମୋଟ୍ ୧୯୪ଟି ଟିମ୍ ନବ ଚେତନା ପର୍ଯ୍ୟାୟରେ ଭାଗ ନେଇଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଥିରେ ଆନନ୍ଦ ପ୍ରକାଶ କରି କହିଲେ, ଏସ୍‌ଆଇଏଚ୍-୨୦୨୩ରେ ଅଂଶଗ୍ରହଣ କରି ଆମେ ଗର୍ବିତ । ଏହା ଆମ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ପାଦ ସର୍ଜନା ଓ ସମସ୍ୟା ସମାଧାନ କରିବାର ସଂସ୍କୃତି ବୃଦ୍ଧି କରିବା ସହ ଏହାକୁ ଆହୁରି ବିକଶିତ କରିବ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଅଟଳ ର୍‍ୟାଙ୍କିଙ୍ଗ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ ଇନୋଭେସନ୍ ଆଚିଭମେଣ୍ଟ (ଏଆରଆଇଆଇଏ) ର୍‍ୟାଙ୍କିଙ୍ଗ୍‌ରେ ଗତ କିଛି ବର୍ଷ ଧରି ଦେଶର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଶ୍ରେଷ୍ଠ ସ୍ଥାନରେ ରହିଆସୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । କିଟ୍ ପ୍ରତିଷ୍ଠା ହେବା ଦିନଠାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଜନାକୁ ପ୍ରୋତ୍ସାହିତ କରିଆସୁଛି । ଏହା କିଟ୍ ଅନୁସରଣ କରିଆସୁଥିବା ସର୍ବୋତ୍ତମ ପ୍ରଥା ମଧ୍ୟରୁ ଅନ୍ୟତମ । ଏହି ଅବସରରେ ଶ୍ରୀ ସାମନ୍ତ ଏଆଇସିଟିଇର ଅଧକ୍ଷ ପ୍ରଫେସର ଟି. ଜି. ସିଥାରମଣ, ଉପାଧକ୍ଷ ଡ. ଅଭୟ ଜେରେ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଇନୋଭେସନ୍ ସେଲ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ମଧ୍ୟ ଏସ୍ଆଇଏଚ୍-୨୦୨୩ର ଦ୍ୱିତୀୟ ପର୍ଯ୍ୟାୟକୁ ପ୍ରବେଶ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସଫଳତା କାମନା କରିଥିଲେ । ଏହାର ସଫଳ ଆୟୋଜନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଶରଣଜିତ୍ ସିଂହ ବିଶ୍ୱବିଦ୍ୟାଳୟର ଇଣ୍ଡଷ୍ଟ୍ରିଆଲ୍ ଏନ୍‌ଗେଜ୍‌ମେଣ୍ଟ ଡିନ୍ ପ୍ରଫେସର ଅଭିଷେକ ରାୟ ଏବଂ ଏସ୍‌ପିଓସିକୁ ଧନ୍ୟବାଦ ଜଣାଇଥିଲେ । ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଅଂଶ ଗ୍ରହଣ କରିଥିବାରୁ କୁଳସଚିବ ଡ. ଜ୍ଞାନ ରଞ୍ଜନ ମହାନ୍ତି ଆନନ୍ଦ ପ୍ରକାଶ କରିଥିଲେ ।

# ପଥର ମାଫିଆଙ୍କ ହାତରୁ ମୁକୁଳିଲା ପାହାଡ଼, ପାର୍କ ନିର୍ମାଣ ଯୋଜନା

ଜୟପୁର, ୨୬।୯(ପିଏନ): ପଥର ମାଫିଆଙ୍କ ହାତରୁ ମୁକୁଳିଛି ପାହାଡ଼ । ପ୍ରଶାସନ ନିଜ ଅଧିନକୁ ଏହି ପାହାଡ଼କୁ ନେଇ ସୁନ୍ଦର ପାର୍କର ପରିକଳ୍ପନା କରି ଏହାର ନିର୍ମାଣ କାର୍ଯ୍ୟ ଜାରୀ ରହିଛି ।ଜୟନ୍ତଗିରୀ ଆଦର୍ଶ ବିଦ୍ୟାଳୟ ଓ ବୋରିଗୁମ୍ମା ଭେ?ରବ ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ଥିବା ପାହାଡ଼କୁ ପଥର ମାଫିଆ ମାନେ କବଜା କରି ପଥର ବ୍ଲାଷ୍ଟ କରୁଥିଲେ । ଏପରିକି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଥିବା ସତ୍ତ୍ୱେ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ପାହାଡରେ ବେନିୟମ ଭାବେ ପଥର ବ୍ଲାଷ୍ଟ କରାଯାଉଥିଲା । ଏ ନେଇ ଅନେକ ଥର ବିଭିନ୍ନ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇବା ପରେ ଜୟପୁର ଓ ବୋରିଗୁମ୍ମା ତହସିଲ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା । ଏହି ଅଂଚଳଟି ଜୟପୁର ତହସିଲ ଅର୍ନ୍ତଗତ ଜୟନ୍ତଗିରୀ ରାଜସ୍ୱ ବିଭାଗ ସୀମା ର ସୀମାନ୍ତ ତଥା ବୋରିଗୁମ୍ମା ତହସିଲକୁ ଲାଗିକି ରହିଛି । ଉଭୟ ତହସିଲ ଚଢ଼ଉ କରିବା ପରେ ଯେଉଁ ପଥର ମାଫିଆ ସୈରାତର ନିଲାମ ନେଇଥିଲେ ସେହି ସେ?ରାତ ପାହାଡ ସହ ଆଖ ପାଖର ସବୁ ପାହାଡ଼ରୁ ପଥର ବ୍ଲାଷ୍ଟ କରି ଓ ପଥର ବାହାର କରି ନେଇ ଯାଉଥିଲେ । ଉଭୟ ତହସିଲ ଏଭଳି ଅନିମିୟତତା ଜାଣିବା ପରେ ଉକ୍ତ ସୈରାତ ପାହଡ଼ର ନିଲାମକୁ ବାତିଲ କରିବା ସହ ଅନ୍ୟ ସବୁ ପାହାଡ଼ ନିଜ ଅଧିନକୁ ନେଇଥିଲେ ।ଏହି ପାହାଡଟି ଜୟପୁର ସୀମାନ୍ତକୁ ଲାଗି ବୋରିଗୁମ୍ମା ବ୍ଲକରେ ଥିବାରୁ ଏଠାରେ ସୁନ୍ଦର ପାର୍କ ନିର୍ମାଣ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବୋରିଗୁମ୍ମା ବିଡ଼ିଓ ପ୍ରଣୟ ରଞ୍ଜନ ବେହେରା ପ୍ରସ୍ତାବ ଦେଇଥିଲେ । ଏହି କ୍ରମରେ ଏବେ ଏହି ପାହାଡ଼କୁ ବୋରିଗୁମ୍ମା ବ୍ଲକ ପ୍ରଶାସନ ନିଜ ଅଧିନକୁ ନେଇ ବିଶାଖାପାଟଣାରେ ଥିବା କୈଳାଶଗିରୀ ପାର୍କ ଭଳି ପାର୍କ ନିର୍ମାଣ କରାଯିବାର ଯୋଜନା କରିଛି । ଏନଏଚ ୨୬ରୁ ପାହଡ଼ର ଶୀର୍ଷଭାଗକୁ ଯିବା ପାଇଁ ଚଲାପଥ ଓ ଗାଡ଼ି ଯାଇ ତଳେ ପାର୍କିଂ କରିବାକୁ ରାସ୍ତା ନିର୍ମାଣ କରିଛି । ପାହାଡର ଶୀର୍ଷ ଭାଗରେ ୧୨ ଫୁଟର ବିରାଟ ମହାପ୍ରଭୁ ଶିବ ଓ ପାର୍ବତୀଙ୍କ ମିଳିତ ବିଗ୍ରହ ଏବଂ ଶିବଙ୍କ ଜଟାରୁ ପାଣି ନିର୍ଗତ ହେଉଥିବା ଏଭଳି ମୂର୍ତି ସ୍ଥାପନ କରାଯିବ ବୋଲି ସୂଚନା ମିଳିଛି । ସେଭଳି ପାର୍କ ପରିସରରେ ଡାଇନସୋରର ଅଣ୍ଡାରୁ ବଡ ଡାଇନସୋର ଏବଂ ମୃତ ପରେ ତା କଙ୍କାଳ ଆଦିର ପ୍ରତିକୃତି ରଖାଯିବ । ଏହା ସାଙ୍ଗକୁ ପୂର୍ବେ ଆଦିମ ମଣିଷରୁ ଆଧୁନିକ ମଣିଷ ବିଭିନ୍ନ ସ୍ତରର ମୂର୍ତି ବି ବସାଯିବ । ଏହା ସହ କାଫେ, ଫୁଲ ଗଛ, ଛୋଟ ପିଲା ମାନେ ଖେଳିବା ପାଇଁ ମୁକ୍ତ ପାର୍କ ଓ ଜଳକ୍ରୀଡାର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଯେଉଁ ସବୁ ସ୍ଥାନରେ ପଥର ବ୍ଲାଷ୍ଟ କରିବା ପରେ ପଥର ବାହାର କରାଯାଇଥିଲା, ସେ ସ୍ଥାନରେ ବଡ ବଡ ଗାତ ହୋଇଥିଲେ ହେଁ ସେଠାରେ ସିମେଣ୍ଟ ପ୍ଲାଷ୍ଟରିଂ କରି ବିଭିନ୍ନ ଡିଜାଇନ୍ କରାଯାଇଛି । ସୁନ୍ଦର ନଡିଆ, ଗୁଆ ଗଛ ଠାରୁ ବିଭିନ୍ନ ଫୁଲ ଗଛ ବି ଲଗାଯାଉଛି । ସଂପୁର୍ଣ୍ଣ ପାହାଡ଼କୁ ସୁନ୍ଦର ଆଲୋକସଜ୍ଜା ସହ ଅତ୍ୟାଧୁନିକ ପାର୍କ ନିର୍ମାଣ କରାଯିବ ବୋଲି କହିଛନ୍ତି ଜୟପୁର ବିଧାୟକ । ପ୍ରାପ୍ତ ସୂଚନା ମୁତାବକ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହାର ସଂପୁର୍ଣ୍ଣ ନିର୍ମାଣ ହେବ । ଏଥିରୁ ବିଧାୟକ ନିଜ ପାଣ୍ଠି ସହ ସରକାରଙ୍କ ବିଭିନ୍ନ ଯୋଜନାକୁ ସମ୍ମିଳିତ କରି ଏହି ପାର୍କ ନିର୍ମାଣ କରୁଥିବା ସୂଚନା ମିଳିଛି । ଏହା ସହ ତଳେ ଥିବା ପଡ଼ିଆରେ ବିଭିନ୍ନ ଖେଳକୁଦର ବି ଆୟୋଜନ କରାଯିବ । ସେଭଳି ଏହି ପାର୍କର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଦଳକୁ ଦିଆଯିବ । ସେମାନେ ଏହାର ରକ୍ଷଣାବେକ୍ଷଣ ଓ ଦେଖାରଖା ପାଇଁ ଟିକେଟ କରାଯିବ । ପାର୍କ ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବଜ୍ରପାତରେ ୩ ମହିଳାଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୬।୯(ପି.ଏନ): ବଜ୍ରପାତରେ ଆଜି ୩ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ପର୍ଲା ପଞ୍ଚାୟତ ଚ଼ିତାମୁଣ୍ଡା ଗାଁରେ ଘଟିଛି ଏହି ଘଟଣା ।ମୃତକମାନେ ହେଲେ ଗାଁ ଶାନ୍ତି ଲିମଗଛିଆ, ରୂପେ ନିମଗଛିଆ ଓ ଲତା ନିମଗଛିଆ । ସେମାନେ ସମସ୍ତେ ଗୋଟିଏ ପରିବାରର । ଅପରାହ୍ନରେ ଏହି ତିନି ଜଣ କାମ ସାରି ବିଲରୁ ଫେରୁଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ । ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା । ପର୍ଲା ଗ୍ରାମ



ପଞ୍ଚାୟତ ସରପଞ୍ଚଙ୍କ ଠାରୁ ଖବର ପାଇ ଘଟଣାସ୍ଥଳରେ ଧର୍ମଗଡ଼ ପୁଲିସ ପହଞ୍ଚିଥିଲା । ପୁଲିସ ଶବଗୁଡିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଡାକ୍ତରଖାନା ପଠାଇଛି ।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଁସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨୭

# ଟିକସ କମାଅ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗଲା ମାସରେ କେନ୍ଦ୍ର ସରକାର ଯେତେବେଳେ ଘରୋଇ ରନ୍ଧନ ଗ୍ୟାସ ଏଲ.ପି.ଜି.ର ସିଲିଣ୍ଡର ପିଛା ମୂଲ୍ୟ ୨୦୦ଟଙ୍କା ହ୍ରାସ କଲେ, ସେତେବେଳେ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ହ୍ରାସ ପାଇବା ଆଶା କରାଯାଉଥିଲା । ମାତ୍ର ଏବେ ଏହି ଆଶା କେବଳ ଆଶାରେ ରହିଯାଇଛି ବୋଲି କହିଲେ ହୁଏତ ଅତ୍ୟୁକ୍ତି ହେବ ନାହିଁ, କହିବା ବାହୁଲ୍ୟ ଯେ, ଗତ ୩ମାସ ଧରି ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବଢ଼ି ବଢ଼ି ଚାଲିଛି । ଆନ୍ତର୍ଜାତିକ ବଜାରରେ ତୈଳ ଦର ବଢ଼ିଲେ, ଆମ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢ଼ିଥାଏ । ପେଟ୍ରୋଲ ଓ ଡିଜେଲ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବା ପରେ ଦୈନନ୍ଦିନ ଏହାର ମୂଲ୍ୟ ତୈଳ କମ୍ପାନୀଗୁଡ଼ିକ ବୃଦ୍ଧି କରିଥାନ୍ତି କିମ୍ବା ହ୍ରାସ କରିଥାନ୍ତି । କିନ୍ତୁ ଦେଶରେ ଏବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଗତବର୍ଷ ମେ' ମାସଠାରୁ ଅର୍ଥାତ ଗତ ୧୬ମାସ ଧରି ସ୍ଥିର ରହିଛି । ଏବେ ଗତ ୩ମାସ ଧରି କ୍ରମାଗତ ଭାବେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୧୦୦ଡଲାର ଅତିକ୍ରମ କରିଥିଲେ ମଧ୍ୟ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଏବେ ବୃଦ୍ଧି ପାଇବାର ସମ୍ଭାବନା ଆଦୌନାହିଁ । ଆଗକୁ ତଥା ଚଳିତ ବର୍ଷ ଶେଷ ଆଡକୁ ପାଂଚୋଟି ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ୨୦୨୪ ଏପ୍ରିଲ କିମ୍ବା ମେ' ମାସରେ ଦେଶରେ ଲୋକସଭା ନିର୍ବାଚନ ହେବ । ତେଣୁ ନିର୍ବାଚନ ଶେଷ ନହେବା ପର୍ଯ୍ୟନ୍ତ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢ଼ିବ ନାହିଁ କିମ୍ବା ହ୍ରାସ ପାଇବନାହିଁ । ମୂଲ୍ୟ ସ୍ଥିର ରହିବ । ସ୍ମରଣ କରାଯାଇପାରେ ଯେ, ହିମାଚଳ ପ୍ରଦେଶର ସରକାର ଥାଇ ମଧ୍ୟ ବିଜେପି ଗୋଟିଏ ଲୋକସଭା ଓ ଦୁଇଟି ବିଧାନସଭା ଉପ-ନିର୍ବାଚନରେ ଶୋଚନୀୟ ଭାବେ ପରାସ୍ତ ହେବା ପରେ ଦେଶରେ ସେହିଦିନଠାରୁ ତୈଳ ଦରରେ ବୃଦ୍ଧି ଘଟି ନାହିଁ । ବରଂ କେନ୍ଦ୍ର ସରକାର ସେତେବେଳେ ୫ଲିଟର ପିଛା ୫ଟଙ୍କା କେନ୍ଦ୍ରୀୟ ଟିକସ ହ୍ରାସ କରିବା ସହ ରାଜ୍ୟମାନଙ୍କୁ ମଧ୍ୟ ଟିକସ ହ୍ରାସ କରିବାକୁ ଅନୁରୋଧ କରିଥିଲେ । କେବଳ ବିଜେପି ଶାସିତ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ଅନୁରୋଧକୁ ରକ୍ଷା କରି ଲିଟର ପିଛା ୫ ରୁ ୬ଟଙ୍କା ରାଜ୍ୟ ଟିକସ କମାଇଥିଲେ । ତଥାପି ଦେଶରେ ଏବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ୧୦୦ଟଙ୍କା ଉପରେ ରହିଛି । ଅନ୍ୟପକ୍ଷରେ ଦେଶରେ ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟ ସିଲିଣ୍ଡର ପିଛା ମୂଲ୍ୟ ୧୧୨୫ରୁ ୧୧୩୫ ଟଙ୍କା ରହିଥିବାବେଳେ ନିର୍ବାଚନ ଓ ଖାଉଟିଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସିଲିଣ୍ଡର ପିଛା ୨୦୦ଟଙ୍କା ହ୍ରାସ କରିଥିଲେ । ଏବେ ଆମ ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟ ୯୨୯ ଟଙ୍କାରୁ ୯୩୫ ଟଙ୍କାରେ ରହିଛି । ସେହିପରି ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ହିତାଧିକାରୀଙ୍କ ପାଇଁ ସରକାର ଅତିରିକ୍ତ ଆଉ ୨୦୦ଟଙ୍କା ହ୍ରାସ କରିଛନ୍ତି । ଯାହାଫଳରେ ଉଜ୍ଜ୍ୱଳା ହିତାଧିକାରୀମାନେ ୭୨୯ ରୁ ୭୩୫ ମଧ୍ୟରେ ସିଲିଣ୍ଡର ପାଇପାରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ୩ମାସ ଅର୍ଥାତ ଜୁନ ମାସରୁ ବର୍ତ୍ତମାନ ମଧ୍ୟରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଦରରେ ମାସିକ ହାରାହାରି ୨୪ ପ୍ରତିଶତ ବୃଦ୍ଧି ପାଇବାରେ ଲାଗିଛି । ଚଳିତ ସପ୍ତାହ ଆରମ୍ଭରେ ଭାରତ ଅଶୋଧିତ ତୈଳ ବ୍ୟାରେଲ ପିଛା ୯୫ ଡଲାରରେ କ୍ରୟ କରିଥିଲା । ତେବେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ୧୦୦ ଡଲାର ଛୁଇଁବା ଆଉ ବେଶୀ ଦିନ ନାହିଁ । ଏହା ସତ୍ତ୍ୱେ ଦେଶରେ ନିକଟ ଅତୀତରେ ତୈଳ ଦର ବୃଦ୍ଧି ଆଶଙ୍କା ନଥିବା ସତ୍ତ୍ୱେ ଦେଶରେ ଅର୍ଥନୀତି ଉପରେ ବିରାଟ ବୋଝ ଅର୍ଥାତ ଚାପ ସୃଷ୍ଟି କରିଛି । ଏହା ସତ୍ୟ ଯେ, ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଦ୍ୱାରା ପରିବହନ ଜନିତ ବ୍ୟୟ ଭାର ବୃଦ୍ଧି ଯୋଗୁଁ ବିଭିନ୍ନ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ସହ ମୁଦ୍ରାସ୍ଫିତୀ ମଧ୍ୟ ବୃଦ୍ଧି ପାଇଛି । ଯାହାକି ଏବେ ଚିନ୍ତାର କାରଣ ହୋଇଛି । ଖାଉଟିଙ୍କ ଉପରେ ମହଙ୍ଗା ମାଡ ଯୋଗୁଁ ଗୋଟିଏ ପଟେ ଖାଉଟିଙ୍କ ବ୍ୟୟ ବଢ଼ି ଚାଲିଥିବାବେଳେ ଅନ୍ୟ ପଟେ 'ସଂଚୟ' ହାର ହ୍ରାସ ପାଇଥିବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି । ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ରାଜସ୍ୱ ସଂଗ୍ରହର ମୁଖ୍ୟ ଉତ୍ସ ପାଲଟିଛି । କହିବା ବାହୁଲ୍ୟ ଯେ, ଏକ ଲିଟର ପେଟ୍ରୋଲ ଉପରେ କେନ୍ଦ୍ର ସରକାରଙ୍କ ଟିକସ ହାର ପ୍ରାୟ ୩୩ ପ୍ରତିଶତ ରହିଥିବାବେଳେ ରାଜ୍ୟମାନଙ୍କ ଭ୍ୟାଟ ଓ ଅନ୍ୟାନ୍ୟ ଟିକସ ହାର ୨୦ ପ୍ରତିଶତରୁ ଅଧିକ ରହିଛି । ଅର୍ଥାତ ଗୋଟିଏ ଲିଟର ପେଟ୍ରୋଲର ପ୍ରକୃତ ମୂଲ୍ୟ ଉପରେ ୫୦ ରୁ ୬୦ ପ୍ରତିଶତ ଟିକସ ରହିଛି । ଯାହାର ପରିଣତି ସ୍ୱରୂପ ଖାଉଟିଙ୍କ ବ୍ୟୟଭାର ଓ ମହଙ୍ଗାମାଡର ସମ୍ମୁଖୀନ ହୋଇଥିବାବେଳେ ସରକାର ନିଜକୁ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ଖାଉଟି ଶୋଷିତ ହେଉଛି । ନିର୍ବାଚନ ପରେ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସର ଦରବୃଦ୍ଧିକୁ କେହି ରୋକିପାରିବେ ନାହିଁ । ତେଣୁ ଖାଉଟିଙ୍କୁ ମହଙ୍ଗାମାଡରୁ ସୁରକ୍ଷା ଦେବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନ ଠାରୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ ରଖିବା ଦରକାର । ତେବେ ଏହାର ଗୋଟିଏ ଉପାୟ ହେଉଛି, ତୈଳ ଉପରେ ଲାଗୁ ହୋଇଥିବା ଟିକସ ହ୍ରାସ କରିବା । ଭାରତ ପରି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ସରକାରୀ ଛଳନା ଆଦୌ ଶୋଭନୀୟ କିମ୍ବା ଗ୍ରହଣୀୟ ନୁହେଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# କୁମ୍ଭୀରିଣୀ ସହ ବାହାଘର


ନିରଞ୍ଜନ ସାହୁ

ସଦ୍ୟ ବହୁଳ ପ୍ରସାରିତ ସଂବାଦଟିଏ ହେଉଛି ମେକସିକୋସିଟିର ମେୟର ଗୋଟିଏ କୁମ୍ଭୀରକୁ ବିବାହ କରିଛନ୍ତି ବହୁ ଆଡ଼ମ୍ବରପୂର୍ଣ୍ଣ ରୀତିରେ । ଏହା କୁଆଡ଼େ ସେ ଦେଶରେ ପ୍ରଚଳିତ ଏକ ଧାରଣା ଯେ ଏପରି ବିବାହ ଆୟୋଜନ ସାଧାରଣରେ ଧନ ଜନ ଗୋପଲକ୍ଷ୍ମୀ ବୃଦ୍ଧି କରେ । ଭାରତର କୌଣସି ଗାଁରେ କେହି କୁକୁର ବାହା ହେବାର ଖବର, କାହାଦ୍ୱାରା ବେଙ୍ଗବେଙ୍ଗୁଲିର ବାହାଘର ଆୟୋଜନ, କେଉଁଠି ସାହାଡ଼ା ଗଛ ସହିତ ବାହାଘର ପରି ବହୁ ରୋଚକ ସମ୍ବାଦ ବେଳେବେଳେ ଆମକୁ ବ୍ୟଞ୍ଜନ ରଞ୍ଜିତ କରେ । ବାହାଘର ବାହାରେ ବି ଅନେକ କ୍ରିୟା କର୍ମ ଅଛି ଯାହା ଅନେକ ଲୋକ ବିଭିନ୍ନ ସମୟରେ ଆପଣେଇ ଥାଆନ୍ତି, ଯେମିତି ଶନିଙ୍କୁ ଶନିବାରରେ ପୂଜାର୍ଚ୍ଚନା କଲେ ଶନିଦୋଷ କଟେ ଆଉ ତାଙ୍କ ରୋଷର ଶିକାର ହେବାକୁ ପଡ଼େନି । ନିକଟରେ ଜଣେ ରାଜନେତା ବହୁ ଆଡ଼ମ୍ବରରେ ଶନିଙ୍କ ନିକଟରେ କିଛି ବିଶେଷ ଦାନ କରିଥିବାର ଖବର ମଧ୍ୟ ବହୁଳ ପ୍ରଚାରିତ ହୋଇଥିଲା ।

କେବଳ ଆମ ଦେଶରେ ଏପରି ଅନ୍ଧବିଶ୍ୱାସ ଆଗରୁ ଥିଲା ଏବଂ ଏବେବି କିଛି କିଛି ରହିଛି କହିଲେ ଠିକ୍ ହେବ ନାହିଁ । ବରଂ ଏପରି ଅନ୍ଧବିଶ୍ୱାସ ସାରା ବିଶ୍ୱରେ ବିଭିନ୍ନ ରକମରେ ରହିଥିବାର ନଜିର ରହିଛି । ଆଦିବାସୀଙ୍କ ଭିତରେ ଅନେକ ଅନ୍ଧବିଶ୍ୱାସ ଏବେବି ରହିଛି । ସେମାନଙ୍କ ସରଳ ମନ ଭିତରେ ପୂରେଇ ଦିଆଯାଇଛି ଯେ ଯଦି କୌଣସି ଗାଁ ବା ଅଞ୍ଚଳରେ ଲାଗ ଲାଗ ଶିଶୁମୃତ୍ୟୁ ହୁଏ ତାହେଲେ କେହି ନା କେହି ଗୁଣିଗାରେଡ଼ି କରୁଛି କିମ୍ବା ଡାହାଣୀ ପାଲଟି ପିଲାମାନଙ୍କର ଜୀବନ ନେଉଛି । ଏଇ ଡାଆଣୀ ଝାଡ଼ିବା ନାଁରେ ବେଶ୍ ଗୋଟାଏ ଦଳ ବେଶ୍ ପଇସା ରୋଜଗାର କରନ୍ତି ପୁଣି କେତେବେଳେ ଡାଆଣୀ ସନ୍ଦେହରେ ଅନେକ ସମୟରେ ବହୁ ନିରପରାଧ ବଳି ପଡ଼ନ୍ତି । ଏଇ ଅନ୍ଧବିଶ୍ୱାସ ଏବେବି ମୟୂରଭଞ୍ଜ କେଉଁଝର ଜିଲ୍ଲାରେ ବହୁ ଲୋକଙ୍କର ଜୀବନ ନେଉଛି ଅକାଳରେ । କିଛି ଗୁପ୍ତଧନର ସନ୍ଧାନରେ ଯାଇ କିଛି ତାନ୍ତ୍ରିକ ବେଳେବେଳେ ବଳୀ ଦେଇ ଦିଅନ୍ତି କେଉଁ ନିରୀହ ନିରପରାଧକୁ । ପୁଣି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ତନ୍ତ୍ରକୁ ଗୋଟାଏ ବିଜ୍ଞାନ ଭାବରେ ମାନି ନିଅନ୍ତି । ବଡ଼ ଅଦ୍‌ଭୁତ ହେଲେ ବି ଯେ ସବୁ ସତ । ତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକଙ୍କ ସଂଖ୍ୟା ବି କିଛି କମ୍ ନୁହେଁ । ସେମାନଙ୍କ ବିଶ୍ୱାସ ମନ୍ତ୍ର, ତନ୍ତ୍ର ଆଉ ଯନ୍ତ୍ର ସବୁ ବାସ୍ତବ । ଯାହା ମଣିଷ ନିଜେ କରିପାରେନାହିଁ ତାହା ଏହିସବୁ ମାଧ୍ୟମରେ ସମ୍ଭବ । କେତେକ ଏହାଦ୍ୱାରା ଉପକୃତ ହୋଇଥିବା ଦାବୀକରି ପରିସ୍ଥିତିକୁ ଆହୁରି ଗୋଳମାଳିଆ କରନ୍ତି, ଯେଉଁ ଲୋକମାନଙ୍କର ମନ ଭିତରେ କିଛି ନିର୍ଦ୍ଦିଷ୍ଟ ଧାରଣା ରହି ଆସିଛି ସେମାନଙ୍କ ଠାରେ ଏହା ମନୋବିଜ୍ଞାନର ପ୍ଲାସିବୋ ଇଫେକ୍ଟ ପରି କିଛି ପ୍ରଭାବ ସୃଷ୍ଟି କରିବା ବିଚିତ୍ର ନୁହେଁ; ମାତ୍ର ଏହା କିଛି ବୈଜ୍ଞାନିକ ଚମତ୍କାର କରିବା ଆଦୌ ସମ୍ଭବ ନୁହେଁ ।

ଆପଣମାନଙ୍କ ଭିତରୁ କେହି ହୁଏତ ପଢ଼ିଥାଇ ପାରନ୍ତି ଅଧ୍ୟାପକ ଶାନ୍ତନୁ ଆଚାର୍ଯ୍ୟଙ୍କ ଲିଖିତ ଏକ କ୍ଷୁଦ୍ରଗଳ୍ପ 'ବନ୍ଦରିଆ' । ଆଦିବାସୀ ଅଞ୍ଚଳରେ ଅନେକଙ୍କର ଧାରଣା ଅଛି, କିଛି ଲୋକ କୌଶଳକ୍ରମେ ପିଲାଙ୍କୁ ଧରି ନେଇ ସେମାନଙ୍କୁ ମୁଣ୍ଡ ବନ୍ଦୀ କରି ରଖନ୍ତି ଏବଂ ସୁବିଧା ଦେଖି ବଳି ଦେଇ ଦିଅନ୍ତି ଓ ସମୟକ୍ରମେ ସେମାନଙ୍କର ଅଭିଳାଷ ପୂର୍ଣ୍ଣ ହୁଏ । ଆଚାର୍ଯ୍ୟ ମହାଶୟଙ୍କ ଗଳ୍ପଟିର ବର୍ଣ୍ଣନା ଏମିତି – ଦିନେ ଦିପହରେ ଗୋଟିଏ ଜାଗାରେ ବସି ତାସ୍ ଖେଳୁଥାନ୍ତି କିଛି ଯୁବକ । ସେତିକିବେଳେ କେହି ଜଣେ ଆସି ଖବର ଦେଇଛି ଯେ ଜଣେ ମୁଣ୍ଡ ବନ୍ଦରିଆ ଆସି ଗୋଟେ ଛୁଆକୁ ଧରି ନେଇଯାଉଛି । ସଙ୍ଗେ ସଙ୍ଗେ ଗୋଟିଏ ଆଲୋଡ଼ନ ଖେଳିଯାଉଛି ତାସ୍‌ଖେଳ ଆସରରେ । କେହି ଜଣେ ପ୍ରସ୍ତାବ ଦେଉଛନ୍ତି ଆମେ ଏତେ ଲୋକ ଥାଉଁ ଥାଉ ଆମ ଗାଁରୁ କିଏ ଜଣେ ଆସି ଛୁଆଟିଏ ନେଇଯିବ । ଏତିକି ବେଳେ କିଏ କହିଛି ଯେ ତାର ଛୁଆଟି ଖେଳିବାକୁ ଯାଇଥିଲା ଅଧଘଣ୍ଟାଏ ହେଲା ଫେରି ନାହିଁ । ସାଙ୍ଗେ ସାଙ୍ଗେ ଯୁବକମାନେ ଉଠି ପଡ଼ିଛନ୍ତି । ଜଣେ କିଏ ଗଛ ଉପରକୁ ଚଢ଼ିଯାଇ ଦୂର ଧାନ କ୍ଷେତ ଆଡ଼କୁ ଲକ୍ଷ୍ୟ କରି ଘୋଷଣା କଲେ ଯେ ସେ ଦେଖିପାରୁଛି ଲୋକଟିଏ ବହୁ ଦୂରରେ ଯାଉଛି ଚାଲି ଚାଲି । ତା' କାନ୍ଧରେ ବସିଛି ଛୁଆଟିଏ । ଆଉ କ'ଣ ଧୈର୍ଯ୍ୟ ଧରି ପାରନ୍ତି ଯୁବପ୍ରାଣ । ସମସ୍ତେ ମଦମତ୍ତ ହୋଇ ଧାଇଁ ଯାଆନ୍ତି ସେଇ ଲୋକ ଆଡ଼କୁ । ଲୋକଟି ଯେତେବେଳେ ସେମାନଙ୍କର ପାଖପାଖି ଦେଖାଯାଏ ସେ ଆଶ୍ଚର୍ଯ୍ୟ ହୁଏ ତାକୁ କାହିଁକି ଦଳେ ଲୋକ ଗୋଡ଼ାଉଛନ୍ତି । ଅତଏବ ସେ କ୍ଷୀପ୍ର ପଦ ବ୍ରଜରେ ଚାଲିବା ଆରମ୍ଭ କରେ । ତା'ର ପଛ ପଟରେ ପଡ଼ିଥିବା ବ୍ୟାଗ୍‌ଟି ଧାରଣା ଦେଉଥାଏ ଯେ ଅଲବତ ପିଲାଟି ରହିଛି ସେଇ ବ୍ୟାଗ୍‌ରେ । ଅଳ୍ପ ସମୟ ଭିତରେ ଲୋକଟି ପାଖରେ ପହଞ୍ଚି ଯାଆନ୍ତି ସମସ୍ତେ । ତାକୁ ସାଙ୍ଘାତିକ ଆକ୍ରମଣ କରନ୍ତି । ମୃତ୍ୟୁ ମୁଖରେ ପଡ଼େ ଲୋକଟି । ଆଉ ଯେତେବେଳେ ତା ବ୍ୟାଗ୍ ଖାନତଲାସ କରାଯାଏ ତା' ଭିତରୁ ବାହାରେ ପଣସଟାଏ । କିଛି ସମୟ ଭିତରେ ବି ନିଖୋଜ ହୋଇଥିବା ଶିଶୁ ମାଆ ପାଖକୁ ଫେରିଆସେ । ଅନ୍ଧବିଶ୍ୱାସ ଫଳରେ ବହୁ ଲୋକଙ୍କର ଅକାଳରେ ଜୀବନ ଯାଏ । ନବରଙ୍ଗପୁର ଜିଲ୍ଲାରେ ନବଜାତ ଶିଶୁମାନଙ୍କୁ ତତଲା ଖଡ଼ିକାରେ ଚେଙ୍କ ଦିଆଯିବା ପରି କଥା ଆପଣଙ୍କ ନଜରକୁ ଆସିଥିବ । କିଛି ବର୍ଷ ପୂର୍ବେ ଜଣେ ଜିଲ୍ଲାପାଳ ସେ ଦିଗରେ କିଛି ଜନସଚେତନତା ସୃଷ୍ଟି କରି ସମ୍ବାଦର ଶିରୋନାମା ପାଲଟି ଥିଲେ; ମାତ୍ର ସେ ଜିଲ୍ଲାରୁ ବଦଳି ହେଲା ପରେ ସେଇ ଅନ୍ଧବିଶ୍ୱାସ ଦୂରୀକରଣ ଅଭିଯାନ ବୋଧହୁଏ ବନ୍ଦ ହୋଇଗଲା । ଜଣେ ଜିଲ୍ଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଭଲ କାମଟିଏ । ପରବର୍ତ୍ତୀ ଜିଲ୍ଲାପାଳ କ୍ୱଚିତ ଗ୍ରହଣ କରନ୍ତି – କାରଣ ବିସ୍ତାରରେ କହିବା ଅନାବଶ୍ୟକ ବୋଧହୁଏ । ପଶୁବଳି ବହୁଦିନରୁ ଚାଲି ଆସିଥିବା ଏପରି ଏକ କୁସଂସ୍କାର ଯାହା ଏପର୍ଯ୍ୟନ୍ତ ଲୋପ୍ ହୋଇପାରି ନାହିଁ । ଓଡ଼ିଶାର ବହୁ ଦେବାଦେବୀଙ୍କ ନିକଟରେ ଯେଉଁ ଶହ ଶହ ସଂଖ୍ୟାରେ ପଶୁବଳି ନିର୍ଦ୍ଦିଷ୍ଟ ପର୍ବପର୍ବାଣୀରେ ସଂଘଟିତ ହୁଏ ତାହା ଲୋମହର୍ଷଣକାରୀ । ପଶୁମାନେ ବଳି ପଡ଼ିବା ପରେ ଅନେକ ଅଞ୍ଚଳର ଲୋକ ତାହାକୁ ସଂତୃପ୍ତ ଦେବାଦେବୀଙ୍କ ଭୋଗ ଭାବରେ ଗ୍ରହଣ କରନ୍ତି । ଏହା ମଧ୍ୟ ଏକ ଅବିସମ୍ବାଦିତ ସତ୍ୟ । ଜନସଚେତନତାର ପ୍ରଭାବ, କିଛି ସ୍ୱେଚ୍ଛାସେବୀ ସଂଗଠନର ସକାରାତ୍ମକ ଭୂମିକା ଏବଂ ନ୍ୟାୟାଳୟର ନିର୍ଦ୍ଦେଶ ବଳରେ ଏବଂ ଫଳରେ ବହୁ ଧର୍ମାନୁଷ୍ଠାନରୁ ଏହି ପରମ୍ପରା ବନ୍ଦ କରାଯାଇଛି କିଛି ବର୍ଷ ପୂର୍ବେ । ତା' ସତ୍ତ୍ୱେ ପଶ୍ଚିମାଞ୍ଚଳର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା ଏପର୍ଯ୍ୟନ୍ତ ରହିଛି । ହୁଏତ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଧିକ ହେଲେ ଆଗାମୀ ଦିନରେ ଏଇ ଦୁଃଖଦ ଅବସ୍ଥାର ଅନ୍ତ ଘଟିପାରେ । କେତେକ ଅଛନ୍ତି ଯେଉଁମାନେ ଯୁକ୍ତି କରନ୍ତି ଯେ ଏହା ସେମାନଙ୍କର ପ୍ରାଚୀନ ପୁସ୍ତକ ବା ଧର୍ମଶାସ୍ତ୍ର ସମ୍ମତ; ମାତ୍ର ଆମର ସମ୍ବିଧାନ ଯାହାକି ବୈଜ୍ଞାନିକ ଚିନ୍ତାଧାରା ଅନୁଗାମୀ ତାହା କେବେବି ଏପରି କାର୍ଯ୍ୟର ସମର୍ଥନ କରିପାରିବ ନାହିଁ । ପ୍ରାଚୀନ ଶାସ୍ତ୍ରକୁ ଅଧ୍ୟୟନ କଲାବେଳେ ତାହାକୁ ଶବ୍ଦ ଅର୍ଥ ଅନୁସାରେ ବ୍ୟାଖ୍ୟା ନକରି ଭାବାର୍ଥ ଅନୁସାରେ ବ୍ୟାଖ୍ୟା କରିବା ଜରୁରୀ । ଯେପରି ପଶୁବଳି ବାସ୍ତବରେ ପଶୁ ପ୍ରବୃତ୍ତିର ହତ୍ୟା । ନିର୍ଦ୍ଦିଷ୍ଟ ପ୍ରାଣୀଧନର ନୁହେଁ । ଅଜ୍ଞାନତା, ସ୍ୱାର୍ଥପରତା, ହୃଦୟହୀନତା ଯେଉଁଠି ରାଜ୍ କରୁଛି ସେଠାରୁ ଶାସ୍ତ୍ର ଜ୍ଞାନର ପ୍ରକୃତ ତତ୍ତ୍ୱ କଣ ଆଶା କରାଯାଇପାରିବ ?

ପ୍ରାୟ ତିରିଶ ବତିଶ ବର୍ଷ ପୂର୍ବେ ଯେତେବେଳେ ଆମ ରାଜ୍ୟରେ ସାକ୍ଷରତା ଅଭିଯାନ ଆରମ୍ଭ କରାଯାଇଥିଲା, ସେତେବେଳେ ଭାରତ ଜ୍ଞାନ ବିଜ୍ଞାନ ସମିତି ତରଫରୁ ଅନ୍ଧବିଶ୍ୱାସ ବିରୋଧରେ ମୋର୍ଚ୍ଚାମାନ ଖୋଲାଯାଉଥିଲା । ଲୋକମାନଙ୍କୁ ଅନେକ କଥା ବୁଝାଯାଉଥିଲା । ଅନେକ ଜିନିଷ ଅଛି ଯାହା ଆମକୁ ବାରମ୍ବାର କରିବାକୁ ପଡ଼େ । ଯେମିତି ଆମେ ନିଜର ଘରକୁ ସଫା ସୁତୁରା ରଖିବାକୁ ଦିନରେ ପାଞ୍ଚ ଛଅ ଥର ଖରକୁ । ସେମିତି ମନକୁ ସଫା ରଖିବା ପାଇଁ ବାରମ୍ବାର ଠିକ୍ କଥା କହି ମନକୁ ବୁଝାଇବା ଦରକାର । ବର୍ଷ ବର୍ଷ ଧରି ଯୁଗ ଯୁଗ ଧରି ଲୋକମାନେ ଯେଉଁ ଭୁଲ୍ ଧାରଣାରେ ଶିକାର ହୋଇଛନ୍ତି ତାହା ଥରେ ଅଧେ କହିଦେଲେ ରାତାରାତି ବଦଳି ଯିବା ସମ୍ଭବ ନୁହେଁ, ଏବେବି ପୁତ୍ର ଆଶାୟୀ ବନ୍ଧ୍ୟା ନାରୀଟିଏ ଠକ ପ୍ରବଞ୍ଚକ ଗୁଣିଆଁ ହାବୁଡ଼ରେ ପଡ଼ି ପ୍ରତାରିତ ହେଉଥିବା ଅତ୍ୟନ୍ତ ଦୁଃଖଦାୟକ । ଏଥିପାଇଁ ସଂପୃକ୍ତ ଅଞ୍ଚଳର ପ୍ରଶାସନିକ ଅଧିକାରୀ ଏବଂ ଲୋକ ପ୍ରତିନିଧିଙ୍କ ଉପରେ ଦାୟିତ୍ୱ ଦିଆଗଲେ ପରିସ୍ଥିତିର ଉନ୍ନତି ଘଟନ୍ତା । ଯେକୌଣସି ଘଟଣା ପାଇଁ ସେମାନେ ଦାୟୀ ରହିବେ ବୋଲି ନିଷ୍ପତ୍ତି ହେଲେ ଏପରି ଘଟଣା କମିଯାଆନ୍ତା ବୋଲି ମୋର ବିଶ୍ୱାସ । କୁକୁର କାମୁଡ଼ିଲେ ଥାଳି ବସେଇବା, ସାପ କାମୁଡ଼ିଲେ ଠାକୁରଙ୍କ ପାଦୁକ ପାଇବା, ଚୋର ଧରିବାକୁ ଖଟ ବୁଲାଇବା, ନଖ ଦର୍ପଣ କରିବା ପରି ବିପଜ୍ଜନକ ଅନ୍ଧବିଶ୍ୱାସ ଅନେକ ସମୟରେ ବହୁ ଲୋକଙ୍କର ଦୁଃଖର କାରଣ ପାଲଟେ । ମୁଁ ଗତବର୍ଷ ଆମ ଗାଁକୁ ବର୍ଷାଦିନେ ଯାଇଥିଲି । ସୂର୍ଯ୍ୟ ପାଞ୍ଜି ଅନୁସାରେ ଚତୁର୍ମାସ୍ୟା ଆରମ୍ଭ ହୋଇନଥାଏ, ଅର୍ଥାତ୍ ସେତେବେଳେ ବିବାହ ତିଥି ଚାଲିଥାଏ । ପାଗ ମେଘୁଆଥାଏ । ମୁଁ ଗାଁର ଗୋଟିଏ ବିବାହ ଭୋଜିରେ ଯୋଗ ଦେବା କଥା । ସେମାନେ ରାତିରେ ଭୋଜି ଆୟୋଜନ କରିବାକୁ ଚାହୁଁଥିଲେ ମୁଁ ସେମାନଙ୍କୁ ଅନୁରୋଧ କରି ଭୋଜିକୁ ଦିନକୁ ଆଗେଇ ଆଣିଲି; ମାତ୍ର ମୋତେ ନିମନ୍ତ୍ରଣକାରୀଙ୍କ ପୁତୁରା ଆସି କାନରେ ଫୁସ୍‌ଫୁସ କରି କହିଲେ, ଦାଦା ଆପଣ ବର୍ଷାକୁ ଡରୁଛନ୍ତି କି ? ଦେଖିବେ ବର୍ଷା ଆଦୌ ହେବନି । ଆମେ ଅମୁକଙ୍କ ପରାମର୍ଶ ଅନୁସାରେ ଆମର ଲଙ୍ଗଳକୁ ଓଲଟା କରି ପୋତି ଦେଇଛୁଁ । ମୁଁ ଟିକିଏ ହସିଦେଲି, କହିଲି – ତମ କଥା ସତ ହୋଇପାରେ ଅବଶ୍ୟ ମୁଁ ପାଣିପାଗ କଥା ଲକ୍ଷ୍ୟ କରିନି ଗାଁରେ ତ ନେଟ୍‌ୱାର୍କ ବେଳେ ବେଳେ ଆସୁନି; ମାତ୍ର ରାତିରେ ପୋକଜୋକ କେତେବେଳେ ଚାଲିଆସି ପାରନ୍ତି । ମୋ କଥାରେ ସେମାନେ ରାଜି ହେଲେ । ଦିନରେ ଭୋଜି ବିନା ବିଘ୍ନରେ ସମାହିତ ହେଲା । ରାତିରେ ଜୋର୍ ବର୍ଷା ହେଲା, ଅବଶ୍ୟ ତାଙ୍କୁ ଲଜ୍ଜିତ କରିବାକୁ ମୁଁ ଉଚିତ ମଣି ନ ଥିଲି । କଥାଟି ହେଲା ଏପରି ଛୋଟମୋଟ ଅନ୍ଧବିଶ୍ୱାସ ଯାହା କାହାରି ଅନିଷ୍ଟ କରିବ ନାହିଁ; ମାତ୍ର ଯେଉଁମାନେ ଧନଜୀବନ ହାନିର କାରଣ ପାଲଟିଛନ୍ତି ସେମାନଙ୍କ ପ୍ରତି ଅଗ୍ରାଧିକାର ଦେବା ନିହାତି ଦରକାର । ଧାର୍ମିକ ଚେତନା ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଭିତରୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଅଧିକ ଗ୍ରହଣୀୟ । ଧାର୍ମିକ ଚେତନା ନାଁରେ କିଛି ଅନ୍ଧବିଶ୍ୱାସ ବହୁ ଦିନରୁ ରହି ଆସିଛି । ମ୍ୟାଜିକ୍ ଦେଖାଉଥିବା ଲୋକ ଯେମିତି ଆମର ବିଶ୍ୱାସ ଭାଜନ ହୁଅନ୍ତି ସେଇମିତି ଭାବରେ କିଛି ଲୋକ ଅନ୍ଧବିଶ୍ୱାସକୁ ବିଜ୍ଞାନ ସମ୍ମତ ବୋଲି ଧାରଣା ସୃଷ୍ଟି କରନ୍ତି, ବାସ୍ତବ କଥା ହେଲା ଏହା ସାରା ପୃଥିବୀରେ କେଉଁଠି ନା କେଉଁଠି ରହିଛିର ଅର୍ଥ ନୁହେଁ ଯେ ଆମେ ତାକୁ ଗ୍ରହଣ କରିବା । ଆମ ପିଲା ପାଠପଢ଼ୁଆ ହେଲେ ସେଗୁଡ଼ିକ ଆପେ ଆପେ ଚାଲିଯିବ ବୋଲି ଭାବିବା ମଧ୍ୟ ଭ୍ରମାତ୍ମକ । ସେଗୁଡ଼ିକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଜରୁରୀ ।

*ଦୂରଭାଷ : ୯୪୩୮୪୮୨୯୧୧*
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ)*

# ଉତ୍ତମ ଅଭ୍ୟାସ


ଅଲେଖ ଚନ୍ଦ୍ର ସାମଲ

ଆମେ ଆମ ନିତିଦିନିଆ ଜୀବନରେ ଅନେକ ସମୟରେ ଏପରି ଏକ ଘଟଣା ସାମ୍ନା କରୁ ଯେଉଁ ସମୟରେ ଆମେ କିଛି ନିଷ୍ପତ୍ତି ନେବା ପାଇଁ କିଛି କ୍ଷଣ ଆମକୁ ଚିନ୍ତା କରିବାକୁ ପଡ଼ିଥାଏ । ତେବେ ଉତ୍ତମ ଅଭ୍ୟାସ ଜଣଙ୍କର ମାନବୀୟ ଜୀବନକୁ କିପରି ପରିପୂର୍ଣ୍ଣ ଓ ଦିବ୍ୟତ୍ୱରେ ପୂରଣ କରିଥାଏ ତାହାର ଏକ ଆଧାତ୍ମିକ ଚେତନାଦାୟୀ ଛୋଟିଆ ନୀତିଶିକ୍ଷା ଭିତ୍ତିକ ଘଟଣାର ଉପସ୍ଥାପନ କରୁଛୁ । ଜଣେ ବ୍ୟକ୍ତି ରାସ୍ତାରେ ଯିବାବେଳେ ଯାହାକୁ ଭେଟୁଥିଲେ ନତମସ୍ତକ ହୋଇ ପ୍ରଣାମ କରୁଥିଲେ । କିନ୍ତୁ ସେମାନଙ୍କ ଭିତରୁ ଜଣେ ପ୍ରଣାମ ବଦଳରେ ଭୀଷଣ ଗାଳି ଦେଉଥିଲେ । ତଥାପି ସେଥିରେ ବିଚଳିତ ବା କ୍ରୋଧିତ ନହୋଇ ପ୍ରତିଦିନ ପ୍ରଥମ ବ୍ୟକ୍ତିଜଣକ ଅପରଙ୍କୁ ପ୍ରଣାମ କରୁଥିଲେ । ପ୍ରତିଦିନ ଏହା ଦେଖୁଥିବା ଅନ୍ୟ ଜଣେ ବ୍ୟକ୍ତି ପଚାରିଲେ, ଭସେ ଲୋକଟି ତୁମକୁ ପ୍ରତିଦିନ ଗାଳି ଦେଉଛି, ଏହାସତ୍ତ୍ୱେ ବି ତୁମେ ତାକୁ ଦେଖିଲେ ନମସ୍କାର କ'ଣ ପାଇଁ କରୁଛ ?' । ନମସ୍କାର କରୁଥିବା ଉଦାର ହୃଦୟସମ୍ପନ୍ନ ବ୍ୟକ୍ତି ଜଣକ ଉତ୍ତର ଦେଲେ – ଯେତେବେଳେ ଉକ୍ତ ବ୍ୟକ୍ତିର ଜଣକ ତାଙ୍କର ଖରାପ ଅଭ୍ୟାସକୁ ଛାଡ଼ି ନପାରି ପ୍ରତିଦିନ ଗାଳି ଦେଇ ଚାଲିଛନ୍ତି, ମୁଁ ମୋର ଭଲ ଅଭ୍ୟାସ ଛାଡ଼ିବି କାହିଁକି ? ମୁଁ କାହିଁକି ମୋର ଭଲ ଗୁଣକୁ ଭୁଲିଯିବି । ଏହି ଘଟଣାଟି କାହାଙ୍କ ପାଇଁ ଛୋଟିଆ ଅଭ୍ୟାସର ଏକ ମାମୁଲି ନିଦର୍ଶନ କହିପାରନ୍ତି କିନ୍ତୁ ଏକ ସତ୍ ଅଭ୍ୟାସ ଜଣଙ୍କ ଜୀବନକୁ କିପରି ଯଥାର୍ଥ ମାର୍ଗ ଦେଖାଇଥାଏ ଏବଂ ଏହି ଯଥାର୍ଥ ମାର୍ଗ ଭିତରେ ସମାଜ ପାଇଁ ନିଃସ୍ୱାର୍ଥପର ସେବା ଓ ସମଗ୍ର ମାନବ ଜାତି ପାଇଁ ଭଲ ପାଇବା ହିଁ ମୂଳମନ୍ତ୍ର ଏହା ହିଁ ପ୍ରକଟିତ ହୋଇଥାଏ । ଜୀବନର ପ୍ରତିଟି କୋଣ ଅନୁକୋଣରେ ଭଗବାନଙ୍କର ଦିବ୍ୟତ୍ୱ ଉପସ୍ଥିତି ଭରି ରହିଛି ଏହାକୁ ଅନୁଭବ କରିବାର କଥା । ସେହିପରି ଜୀବନରେ ନିଜର କୁଅଭ୍ୟାସକୁ ପରିତ୍ୟାଗ କରି ସୁଅଭ୍ୟାସର ରାସ୍ତାରେ ଚାଲିବା ଦ୍ୱାରା ଭଗବାନଙ୍କୁ ସାଥୀ ଭାବେ ଆମେ ପାଇଥାଉ । ଏହି ଉତ୍ତମ ଅଭ୍ୟାସର ମହାମନ୍ତ୍ର ଆମର ପ୍ରତିଟି ଜୀବନକୁ ଦିବ୍ୟ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇଥାଏ । ସମାଜ ସେବା ଦ୍ୱାରା ନିଃସ୍ୱାର୍ଥପର ମାନବିକତା ଯେଉଁପରି ପ୍ରକଟିତ ଓ ପ୍ରତିପାଦିତ ହୁଏ ଏହା ଭିତରେ ଜୀବନର ଶ୍ରେଷ୍ଠତା ହିଁ ଅନୁଭବ କରିହୁଏ ।

*ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର,*
*ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ଆତଙ୍କବାଦୀଙ୍କ ଭୂସ୍ୱର୍ଗ : ଏବେ କାନାଡା ଓ ପାକିସ୍ତାନ


ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱ ଯେଉଁ ଏକ ଭୟଙ୍କର ସମସ୍ୟାରେ ଜର୍ଜରିତ ତାହା ହେଉଛି ଆତଙ୍କବାଦ । ନୈତିକତା ଓ ମାନବିକତାଶୂନ୍ୟ କେତେକ ,ବିଶୃଙ୍ଖଳିତ ପଥଭ୍ରଷ୍ଟ ,ଅଧର୍ମୀ,ଅତ୍ୟାଚାରୀ ଉଦ୍ଭ୍ରାନ୍ତ ବ୍ୟକ୍ତିଙ୍କର ରଗ୍ଣ ଏବଂ ବର୍ବର ମାନସିକତା ପ୍ରସୁତ ପୈଶାଚିକ ଆଚରଣ ହିଁ ଆତଙ୍କବାଦ । ନିରୀହ ଲୋକଙ୍କୁ ଆକ୍ରମଣ କରି ସେମାନଙ୍କୁ ଭୟଭୀତ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ । ସଂଘଟିତ ହତ୍ୟା, ଲୁଣ୍ଠନ, ଯାତ୍ରୀବାହୀ ବିମାନ ଅପହରଣ ଓ ବିସ୍ଫୋରଣ ଘଟାଇ ସାମାଜିକ ଧନଜୀବନ କ୍ଷତିସାଧନ ତାଙ୍କର ମୂଳଲକ୍ଷ୍ୟ । ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ପାଇଁ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ସମସ୍ତ ରାଷ୍ଟ୍ରଗୁଡ଼ିକ ନିଜର ରାଜନୈତିକ ମହତ୍ୱାକାଙ୍କ୍ଷାରୁ ଉପରକୁ ଉଠି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରି ଆତଙ୍କବାଦୀଙ୍କର ବଂଶ ନିପାତ କରିବା ପାଇଁ ତତ୍ପରତା ପ୍ରକାଶ କରିବା ନିହାତି ଆବଶ୍ୟକ । କିଛି ରାଜନୈତିକ ସଂକୀର୍ଣ୍ଣ ଧର୍ମାନ୍ଧ ଅମାନବୀୟ ଅଭିପ୍ରାୟ ନେଇ ପାକିସ୍ତାନ ଓ କାନାଡା ଭଳି କିଛି ରାଷ୍ଟ୍ର ଆତଙ୍କବାଦୀଙ୍କର ହର୍ତ୍ତାକର୍ତ୍ତା ବିଧାତା ସାଜିଛନ୍ତି । ଆତଙ୍କବାଦୀ ସଂଗଠନ ମାନଙ୍କୁ ଆର୍ଥିକ ସହାୟତା ଚୀନ,ପାକିସ୍ତାନ, ଆମେରିକା ପରି ରାଷ୍ଟ୍ର ବାରମ୍ବାର କରୁଛନ୍ତି । ଏହି ଉଗ୍ରବାଦୀ ସଂଗଠନମାନଙ୍କୁ ସଶକ୍ତ କରିବାରେ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ୍ ଥିବା କିଛି ଦୁର୍ଦ୍ଦାନ୍ତ ଆତଙ୍କବାଦୀମାନେ ଚୀନ୍, ପାକିସ୍ତାନ, ତୁର୍କୀ,କାନାଡା ଭଳି ରାଷ୍ଟ୍ରରେ ନିର୍ବିଘ୍ନରେ ଆତ୍ମଗୋପନ କରୁଥିବାର ପ୍ରମାଣ ମିଳେ । ଆତଙ୍କବାଦୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ଅର୍ଥ ନିଜେ ବିପଦକୁ ଡାକି ଆଣିବା । ସେଥିପାଇଁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଲିଖିତ ' ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ ' ? ଆତଙ୍କବାଦ ଏକ ପନ୍ଥା ଯଦ୍ଦ୍ୱାରା ଏକ ସଂଘଟିତ ଗୋଷ୍ଠୀ ନିଜର ଲକ୍ଷ୍ୟ ମୁଖ୍ୟତଃ ହିଂସ୍ର ପଦ୍ଧତି ଅବଲମ୍ବନ କରି ଚରିତାର୍ଥ କରନ୍ତି । ଜଣେ ଚୀନ୍ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକ ଲୋକଙ୍କୁ ଭୟଭୀତ କରାଇବା । ସାମାଜିକ ଓ ସାମ୍ପ୍ରଦାୟିକ ସମନ୍ୱୟକୁ କେନ୍ଦ୍ର କରି ସେମାନେ ଜନସାଧାରଣଙ୍କ ମଧ୍ୟରେ ହିଂସାର ବାତାବରଣ ରୂପ ଦେଉଛନ୍ତି । ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ଏମାନେ ଭୟ ଓ ଆତଙ୍କ ମାଧ୍ୟମରେ ସମାଜରେ ଅରାଜକତା ସୃଷ୍ଟି କରୁଛନ୍ତି ତଥା ଶିଳ୍ପ ଓ ବାଣିଜ୍ୟର ପ୍ରଗତିରେ ବାଧକ ସାଜୁଛନ୍ତି । ଏହା ସହିତ ସୂଚନା ଓ ପ୍ରଯୁକ୍ତି ଉଦ୍ୟୋଗକୁ ମଧ୍ୟ ସେମାନେ ଦୁର୍ବଳ କରିଦେଉଛନ୍ତି ।

ଉଗ୍ରପନ୍ଥୀ ମାନେ ଆମ ଦେଶର ଆର୍ଥିକ ରାଜଧାନୀ , ପ୍ରମୁଖ ବାଣିଜ୍ୟ ପେଣ୍ଠସ୍ଥଳୀ, ବିମାନ ବନ୍ଦର, ରେଳଷ୍ଟେସନ, ରେଳପଥ, ବିଭିନ୍ନ ରାଜନୈତିକ ବ୍ୟକ୍ତି ଓ ପ୍ରତିଷ୍ଠିତ ବ୍ୟବସାୟୀମାନଙ୍କୁ ଆକ୍ରମଣ କରି ଭୟାବହ ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନଙ୍କର ଲକ୍ଷ୍ୟ ହାସଲ ନିମନ୍ତେ ସୁଚିନ୍ତିତ ଷଡ଼ଯନ୍ତ୍ର କରୁଛନ୍ତି ଭାରତ ବିରୁଦ୍ଧରେ । ବିଭିନ୍ନ ସଂଗଠନମାନ ଗଢ଼ି ନିଜର ଅନୈତିକ ଦାବି ଉପସ୍ଥାପନ କରି ସରକାର ଉପରେ ଚାପ ପ୍ରୟୋଗ କରୁଛନ୍ତି । ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ସେମାନେ ଅସଂଖ୍ୟ ଜନସାଧାରଣଙ୍କୁ ମୃତ୍ୟୁର କରାଳ ଗ୍ରାସ ମଧ୍ୟକୁ ଟାଣି ନେଉଛନ୍ତି । ପ୍ରଚୁର ଅର୍ଥ ଲାଳସା ଓ ନିଶାଦ୍ରବ୍ୟର ଅଧୀନ ହୋଇ ସେମାନେ ଜନଗହଳିପୂର୍ଣ୍ଣ ଅଂଚଳ ଯେପରି ରେଳଷ୍ଟେସନ, ବିମାନବନ୍ଦର, ମାର୍କେଟ କଂପ୍ଲେକ୍ସ ରେ ବିସ୍ଫୋରଣ ଘଟାଇ ଅନେକ ଧନଜୀବନ ନଷ୍ଟ କରୁଛନ୍ତି । ଭାରତ ସରକାରଙ୍କ ପ୍ରତିରକ୍ଷା ରାଜ୍ୟ ମନ୍ତ୍ରୀ ଅଜୟ ଭଟ୍ଟ ରାଜ୍ୟସଭାରେ ଦେଉଥିବା ମନ୍ତବ୍ୟ ଅନୁସାରେ ସମୁଦାୟ ୫୬୦୧ ଥର ପାକିସ୍ତାନ ଅସ୍ତ୍ର ବିରତି ଚୁକ୍ତି ଉଲଙ୍ଘନ ( ୩୦ ନଭେମ୍ବର ୨୦୧୯ ରୁ ୨୯ ନଭେମ୍ବର ୨୦୨୧ ) ମଧ୍ୟରେ କରିଛି । ପାକିସ୍ତାନର ସଂଗଠିତ ହୋଇଥିବା ଆତଙ୍କୀ ସଂଗଠନ 'ଜୈସ୍ -ଏ-ମହମ୍ମଦ' ୨୦୧୬ ମସିହାର ଉରୀ ଅତର୍କିତ ଆକ୍ରମଣ ପାଇଁ ଦାୟୀ । ସେଥିପାଇଁ ଆମଦେଶର ୧୯ଜଣ ଲଢୁଆ ସେନାନୀ ଆତ୍ମ ବଳିଦାନ ଦେଇଥିଲେ । ସେହିପରି ୧୯୯୯ ମସିହାରେ କାରଗିଲ୍ ଯୁଦ୍ଧରେ ଭାରତ ସରକାରଙ୍କ ସରକାରୀ ହିସାବ ମୁତାବକ ୫୨୭ ଜଣ ସହୀଦ୍ ଏବଂ ୧୩୬୩ ଜଣ ଗମ୍ଭୀର ଆହତ ହୋଇଥିଲେ । ବିଭିନ୍ନ ଜାତୀୟ, ଆନ୍ତର୍ଜାତୀୟ ଗଣମାଧ୍ୟମର ତଥ୍ୟ ମୁତାବକ ୨୦୧୪ମସିହାରେ ୮୬୦ଥର , ୨୦୧୫ ରେ ରେ ୮୮୪ଥର , ୨୦୧୬ରେ ୧୦୨୫ଥର ଓ ୨୦୧୭ମସିହାରେ ୯୬୬ଥର ଅନୁପ୍ରବେଶ ହୋଇଥିଲା । ଆମଦେଶର ସଂଘଟିତ ସମସ୍ତ ଆତଙ୍କୀ ହମଲାରେ ପାକିସ୍ତାନର ପ୍ରତ୍ୟକ୍ଷ-ପରୋକ୍ଷ ସଂପରକ୍ତି ରହିଆସିଛି । ସେମାନଙ୍କର ଅଭ୍ୟାସଗତ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରିବା ନିମନ୍ତେ ଭାରତରେ ଏବେବି କିଛି ସ୍ଲିପରସେଲ୍ ଶୁପ୍ତାବସ୍ଥାରେ ଅଛନ୍ତି । ୨୬/୧୧ ମୁମ୍ବାଇ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ । ଏହାଥିଲା ତତ୍ ସମୟର ଲୋମହର୍ଷକ ଘଟଣା ଯେଉଁଥିରେ ଏଟିଏସ୍‌ର ମୁଖ୍ୟଙ୍କ ସମେତ ୧୭୫ରୁ ଊର୍ଦ୍ଧ୍ୱ ଲୋକେ ପ୍ରାଣ ହରାଇଥିଲେ ଓ ୩୦୮ଜଣ ଆହତ ହୋଇଥିଲେ । ପାକିସ୍ତାନର ପ୍ରରୋଚନାରେ ଆତଙ୍କୀ ସଂଗଠନ ଲସ୍କର୍-ଏ-ତୋଇବା ଦ୍ୱାରା ପ୍ରେରିତ ୧୦ ଜଣ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଏହି ନାରକୀୟ କାଣ୍ଡ ଘଟାଇଥିଲେ ।

ସମସ୍ତ ଆତଙ୍କବାଦୀ ସଂଗଠନକୁ ପାକ୍ ସର୍ବଦା ଭାରତ ବିରୁଦ୍ଧରେ ଉପଯୋଗ କରେ ଏବଂ ନିଜର ସମସ୍ତ ଶକ୍ତି ସାମର୍ଥ୍ୟ, ଅର୍ଥ ଆତଙ୍କବାଦୀ ସଂଗଠନକୁ ଗଢିବା, ବଢ଼ିବା ଓ ତାଲିମ୍ ଦେବାରେ ବିନିଯୋଗ କରେ । ଯାହାଫଳରେ ସେମାନେ ଭାରତରେ ଧ୍ୱଂସର ତାଣ୍ଡବ ଲୀଳା ରଚାଇ ପାରିବେ । ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରେରିତ ଉଗ୍ରବାଦୀମାନେ ଭାରତୀୟ ସେନା ସହ ସମ୍ମୁଖ ଲଢେଇରେ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି ତେଣୁ ସେମାନେ ସେନାକୁ ପଛପଟୁ ଆକ୍ରମଣ କରୁଛନ୍ତି । ଆତଙ୍କବାଦୀମାନଙ୍କୁ ଏହା ଭଲ ଭାବରେ ଜଣା ସମ୍ମୁଖ ଯୁଦ୍ଧରେ ଭାରତୀୟ ଯବାନମାନଙ୍କର ସମ୍ମୁଖୀନ ହେବା ତାଙ୍କ ପକ୍ଷରେ ଅସମ୍ଭବ ସେଥିପାଇଁ ସେମାନେ ଭୀରୁ କାପୁରୁଷ ଭଳି ଶୀତଳ ଯୁଦ୍ଧର ସାହାରା ନେଉଛନ୍ତି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ ରୁ ୨୦୧୫ ମଧ୍ୟରେଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିବା ବେଳେ ୧୮,୮୪୨ ରୁ ଊର୍ଦ୍ଧ୍ୱ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା । ୨୦୧୬ ଜାନୁଆରୀ ୨ ତାରିଖରେ ପଞ୍ଜାବର ପଠାନକୋଟ୍ ବାୟୁ ସେନା ଶିବିରରେ ଆତଙ୍କବାଦୀ ଅନୁପ୍ରବେଶ ଘଟିଥିଲା । ଏଥିରେ ୫ ଜଣ ସହିଦ୍ ହୋଇଥିଲେ । ୨୦୧୬ ସେପ୍‌ଟେମ୍ବର ୧୮ ରେ କାଶ୍ମୀରର ଉରୀ ରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ୧୯ ଜଣ ସହିଦ୍ ହୋଇଥିଲେ । ୨୦୧୯ ଫେବୃଆରୀ ୧୪ ରେ ବିଶ୍ୱ ଭାଲେଣ୍ଟାଇନସ୍ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ୪୨ ଜଣ ସହିଦ୍ ହୋଇଥିଲେ । ନିଜର ରାଜନୈତିକ ମହତ୍ୱାକାଂକ୍ଷା ଏବଂ କ୍ଷମତା ଲାଳସା ପାଇଁ କାନାଡା ପ୍ରଧାନମନ୍ତ୍ରୀ 'ଜଷ୍ଟିନ୍ ଟ୍ରୁଡୋ' ସମସ୍ତ ଖଲିସ୍ତାନୀ ଆତଙ୍କବାଦୀ ମାନଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ନିଜ ଦେଶରେ ଭାରତ ବିରୋଧୀ ଖାଲିସ୍ ଆତଙ୍କୀ ମାନଙ୍କୁ ଆତଙ୍କୀ କାର୍ଯ୍ୟକଳାପ କରିବାକୁ ଯଥେଷ୍ଟ ସୁଯୋଗ ଦେଉଛନ୍ତି । କ୍ଷମତା ରାଜନୀତି ପାଇଁ ଜଷ୍ଟିନ୍ ଟ୍ରୁଡୋଙ୍କ ଖଲିସ୍ଥାନୀ ଉଗ୍ରବାଦୀ ମାନଙ୍କ ଭଳି ଅସାମାଜିକ ତତ୍ୱଂକ ହତ୍ୟାରେ ବିଳାପ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଖାଲିସ୍ ଦୁର୍ଦ୍ଦାନ୍ତ ଆତଙ୍କୀ ହରଦୀପ ସିଂହ ନିଜାର ହତ୍ୟା ମାମଲାରେ ତାଙ୍କର ଭାରତ ଓ ଭାରତୀୟ କାନାଡ଼ା ନିବାସୀ ବଂଧୁ ମାନଂକ ପ୍ରତି ମନ୍ତବ୍ୟ ତାଂକର ଲୋକପ୍ରିୟତା ସାଂଘାତିକ ଭାବେ ହ୍ରାସ କରୁଛି । ନିକଟରେ ହୋଇଥିବା ଜନମତ ସର୍ଭେ ? ମୁତାବକ କାନାଡାର ୪୦% ନାଗରିକ ବିରୋଧୀ ଦଳ ନେତା 'ପିୟର୍ ପୋଲିବରେଙ୍କୁ ପ୍ରଧାନମନ୍ତ୍ରୀ ରୂପେ ପସନ୍ଦ କରୁଥିବା ଜଣାପଡିଛି । ଏବେ ନିର୍ବାଚନ ହେଲେ କାନାଡାରେ ପିୟର୍ ପୋଲିବରେଙ୍କୁ ୩୯% ଭୋଟ ମିଳିବ ଏବଂ ଟ୍ରୁଡୋଙ୍କୁ ମାତ୍ର ୩୦% ଭୋଟ ମିଳିବ । ସେହିପରି ଅନ୍ୟ ଏକ ସର୍ଭେ ?ରୁ ଜଣାପଡିଛି ଟ୍ରୁଡୋ ହଉଛନ୍ତି ୫୦ବର୍ଷ ମଧ୍ୟରେ ସବୁଠୁ ଖରାପ ଏବଂ ବିଫଳ ପ୍ରଧାନମନ୍ତ୍ରୀ । ନିକଟରେ ଘଟିଥିବା ଘଟଣାକୁ ଲକ୍ଷ୍ୟ କଲେ ଏହା ପ୍ରତୀୟମାନ ହେଉଛି ଉଭୟ ଆତଙ୍କବାଦକୁ ନେଇ କୁମ୍ଭୀର କାନ୍ଦଣା ନୀତିକୁ ଆପଣେଇଛନ୍ତି ଏବଂ ଦୁମୁହାଁ ନୀତି ଅନୁସରଣ କରୁଛନ୍ତି । ଏହା ତାଙ୍କର ବିଶ୍ୱାସୀନତା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜାର ହତ୍ୟା ଉପରେ ଆମେରିକା କାନାଡ଼ାକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି । ଏହି ମାମଲାରେ ଆମେରିକାର ଭୂମିକା ଏବେ ସନ୍ଦେହ ଘେରରେ । ପାକିସ୍ତାନୀ ଆତଙ୍କବାଦୀ ସଂଗଠନ 'ଲସ୍କର-ଏ -ତୋଏବା ' ପକ୍ଷରୁ ଜଣେ ଆତଙ୍କବାଦୀକୁ ଡ୍ରୋନ ସାହାଯ୍ୟରେ ପଞ୍ଜାବ ପଠାଯାଇଥିଲା । ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପାକିସ୍ତାନ ପଟୁ ବିଶେଷ କରି ଜାମ୍ମୁ -କାଶ୍ମୀର, ପଞ୍ଜାବ ରେ ଡ୍ରୋନ ସାହାଯ୍ୟରେ ଡ୍ରଗ୍ସ ଏବଂ ଆତଙ୍କବାଦୀ ଗତିବିଧି ପାଇଁ ଅସ୍ତ୍ରଶସ୍ତ୍ର ପଠାଯାଉଛି । ଏବେ ଟେକ୍ନୋଲୋଜି ଏବଂ ଡ୍ରୋନ ଆଦିର ବ୍ୟବହାର କରି ପ୍ରାକ୍ ଆତଙ୍କବାଦୀ ମାନେ ଭାରତୀୟ ସୀମା ଭିତରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି । ନିକଟରେ କାଶ୍ମୀର ଅନନ୍ତନାଗରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ 'ଲସ୍କର-ଏ-ତୋଏବା ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ସହିତ ଆମ ଦେଶର ସାହସୀ, ବୀର, ଯବାନମାନଙ୍କର ରକ୍ତାକ୍ତ ସଙ୍ଘର୍ଷ ହେଇଥିଲା । କାଶ୍ମୀରର ଅନନ୍ତନାଗରେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ବେଳେ ସହିଦ ହୋଇଥିବା ମେଜର ଆଶିଷ ସାହସର ସହିତ ଲଢେଇ କରିଥିଲେ । ଘଞ୍ଜଙ୍ଗଲରେ ସେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ହେଇଥିଲେ । ଆତଙ୍କୀଙ୍କ ଆଖିବୁଜା ଗୁଳିମାଡ଼ ପରେ ମେଜର ଆଶିଷଙ୍କ ଜଙ୍ଘରେ ଗୁଳି ବାଜିଥିଲା । ପ୍ରବଳ ରକ୍ତସ୍ରାବ ହେବା ସତ୍ତ୍ୱେ ଦୀର୍ଘ ୧୦ଘଣ୍ଟା ଧରି ଆତଙ୍କବାଦୀକୁ ନିପାତ ଅଭିଯାନରେ ଲାଗିଥିଲେ । ଶେଷରେ ସେ ସହିଦ୍‌ହେଇଯାଇଥିଲେ । ପାକିସ୍ତାନ ପ୍ରଯୋଜିତ ଆତଙ୍କବାଦୀମାନଙ୍କ ଦ୍ୱାରା କେବେ ଏ ନରସଂହାର ବନ୍ଦ ହେବ ? ଆତଙ୍କବାଦୀଙ୍କ ବିରୋଧରେ ଭାରତସରକାରଙ୍କୁ ପୁଣିଥରେ ବଡ ସର୍ଜିକାଲ୍ ଷ୍ଟ୍ରାଇକ୍ କରିବାପାଇଁ ପଦକ୍ଷେପ ନେବାକୁ ପଡିବ । ଏଥିପାଇଁ ଭାରତ ସରକାରଙ୍କୁ ଗମ୍ଭୀରତାର ସହ ବିଚାର କରି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିବାକୁ ପଡିବ । ଆତଙ୍କବାଦୀ ମାନଙ୍କୁ ଦମନ କରିବାରେ ବିଶ୍ୱର ସଫଳତମ ରାଷ୍ଟ୍ର ଇସ୍ରାଏଲ ଠାରୁ ଭାରତ ସରକାର ଶିକ୍ଷା ନେବା ଉଚିତ । କ୍ଷୁଦ୍ର ଦେଶ ହେଲେ ମଧ୍ୟ ଇସ୍ରାଏଲ ସରକାର ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ଯେକୌଣସି ପଦେକ୍ଷପ ଗ୍ରହଣ କରିପାରନ୍ତି । ବିଶ୍ୱର ଏକମାତ୍ର ଦେଶ ଇସ୍ରାଏଲ ଯାହାର ସେନା ନୈକି ସର୍ଜିକାଲ ଷ୍ଟ୍ରାଇକ କରନ୍ତି । ହେଲେ ଆମ ଦେଶର ନେତା ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ବିଭିନ୍ନ ପ୍ରକାର ରଣକୌଶଳ ଆପଣେଇଥାନ୍ତି । ଯାହାଦ୍ୱାରା କି ସହଜ ରେ ଭୋଟ ହାତେଇ ପାରିବେ । ଏହିଭଳି କେତେକ ସୁବିଧାବାଦୀ କ୍ଷମତାପିପାସୁ ରାଜନେତା ମାନେ କ୍ଷମତା ହାସଲ କରିବା ପାଇଁ ଯେକୌଣସି ସ୍ତରକୁ ମଧ୍ୟ ଖସି ଯାଇପାରନ୍ତି । ସମୟ ଆସିଛି ଦଳଗତ ନିର୍ବିଶେଷରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଜେସ -ଇ - ମହମ୍ମଦ ଓ ଲସ୍କର -ଇ -ତୋଇବା ଭଳି ସଂଗଠନକୁ ଆନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀ ଘୋଷଣା କରିବା । ଆତଙ୍କବାଦୀଙ୍କର ହର୍ତ୍ତା କର୍ତ୍ତା ବିଧାତା ସାଜିଥିବା ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା କରାଯିବାକୁ ଅନ୍ତର୍ଜାତିକ ସ୍ତରରେ ଚାପ ସୃଷ୍ଟି କରାଯାଉ । ସେହି ସବୁ ରାଷ୍ଟ୍ର ମାନଙ୍କ ସହିତ ଆମ ଦେଶର ସମ୍ପର୍କ ଛିନ୍ନ କରିବା ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେଉଛନ୍ତି ଏବଂ ଭାରତ ବିରୁଦ୍ଧରେ ନିଜର ଆତଙ୍କରାଜ ଚଳାଇଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ କାନାଡ଼ା, ପାକିସ୍ତାନ,ଚୀନ ଭଳି କିଛି ରାଷ୍ଟ୍ର । ଆମେରିକା ଓ ଚୀନ ପାକିସ୍ତାନକୁ ସାହାଯ୍ୟ କରୁଛନ୍ତି ଭାରତ ବିରୋଧରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ସାମରିକ ଓ ଆର୍ଥିକ ସହାୟତା ଯୋଗାଉଛନ୍ତି ଏବଂ ପାକିସ୍ତାନକୁ ଭାରତ ବିରୋଧରେ ଉସୁକାଉଛନ୍ତି । ସେହି ସବୁ ରାଷ୍ଟ୍ର ମାନଙ୍କ ସହିତ ଭାରତ ସମ୍ପର୍କ ଛିନ୍ନ କରିବାରେ ଆବଶ୍ୟକତା ରହିଛି ।

*ଗୋପାଳପୁର,, ବାଲେଶ୍ୱର*
*ମୋ:୭୦୨୦୬୧୧୩୦୦*




# ଦିଲ୍ଲୀର ବିକାଶପୁରୀଠାରେ ଶ୍ରୀ ଗଣେଶ ମହୋତ୍ସବ ସମାପ୍ତ

ନୂଆଦିଲ୍ଲୀ ,(ପି.ଏନ) ଏଠାକାର ପଶ୍ଚିମଦିଲ୍ଲୀସ୍ଥିତ ବିକାଶ ପୁରୀ ଠାରେ ୨୩ତମ ବାର୍ଷିକ ଶ୍ରୀ ଗଣେଶ ମହୋତ୍ସବ ମହା ସମାରୋହରେ ସମାପ୍ତ ହୋଇଯାଇଛି । ପୂଜା ଅବସରରେ ଠାକୁରଙ୍କର ମଣ୍ଡପକୁ ରଙ୍ଗ ବେରଙ୍ଗର କପଡା,ଫୁଲ ଏବଂ ଆକର୍ଷଣୀୟ ଆଲୋକ ମାଳା ସହିତ ଭବ୍ୟ ଢଙ୍ଗରେ ସଜା ଯାଇଥିବାର ଦେଖଯାଇଥିଲା । ଭକ୍ତିପୂତ ଓ ଆଧାତ୍ମିକ ପରିବେଶ ମଧ୍ୟରେ ଅପରାହ୍ନରେ ମଙ୍ଗଳ ମୂର୍ତ୍ତିଙ୍କର ପ୍ରତିଷ୍ଠା ଓ ପୂଜାର୍ଚ୍ଚନା ବିଧି ମୁତାବକ ପୂଜାରୀ ରଘୁନାଥ ରଥଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଦିନ ଅଢେଇଟା ବେଳେ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡିଆ ଓ ଅଣଓଡିଆ ଭକ୍ତ ସେମାନଙ୍କର ପରିବାରବର୍ଗଙ୍କ ସହିତ ବୁଦ୍ଧିଦାତାଙ୍କର କରକମଳରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀଗଣେଶ ପୂଜା କମିଟି ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ ଚଳିତ ବର୍ଷର ଗଣେଶ ଉତ୍ସବକୁ କେନ୍ଦ୍ରକରି ଆୟୋଜନ କମିଟିର ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ସାଧାରଣ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଦମ୍ୟ ଉତ୍ସାହ ଓ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ ,ବିକାଶ ପୁରୀ ଠାରେ ଓଡିଆ ସମ୍ପ୍ରଦାୟଙ୍କ ଦ୍ୱାରା ନିୟମିତ ଭାବରେ ଆୟୋଜିତ ବାର୍ଷିକ ଗଣେଶ ପୂଜା ବର୍ତ୍ତମାନ ଏକ ଗଣପର୍ବର ରୂପ ନେଇଥିବାରୁ



ଆୟୋଜକ ଶ୍ରୀଗଣେଶ ପୂଜା କମିଟିକୁ ସାଧୁବାଦ ଜଣାଇ ଏହି ମହାନ ପରମ୍ପରାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଦେବେନ୍ଦ୍ର ମାଝୀ, ଦିଲ୍ଲୀପ ପାଢୀ, ରାଷ୍ଟ୍ରୀୟ ପ୍ରବାସୀ ଓଡିଆ ପରିବାରର ସଭାପତି ଡଃ ବିକ୍ରମ ମହାନ୍ତି, ଡଃ ରଜନୀ ରଂଜନ ମହାନ୍ତି, ଡଃ ବିନାୟକ ପ୍ରସାଦ, ସମାଜସେବୀ ପ୍ରୀତମ୍ ନାୟକ ଓ ପ୍ରସିଦ୍ଧ ଟେନିସ ଖେଳାଳୀ ଦିଲ୍ଲୀପ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇଥିଲେ ।ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଓଲିଉଡର ଉଦୀୟମାନ ତାରକା ଗାୟୀକା ଦେବାଂଶୀ ଦାଶ ଥିଲେ । ସୁଶ୍ରୀ ଦାଶ ତାଙ୍କର ଯାଦୁଗରି ସ୍ୱରରେ ଉଭୟ ଲୋକ ଓ ଲଘୁସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।ବିଶିଷ୍ଟ ଗାୟକ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁର ମହ୍ଲାରର କଳାକାରମାନେ ସେମାନଙ୍କର ଅନନ୍ୟ କଳା ଚାତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ଚମତ୍କୃତ କରିଥିଲେ । ସୁପ୍ରସିଦ୍ଧ ଗାୟୀକା ଅଭିପ୍ସା ରଥ ଏବଂ ପ୍ରତିଷ୍ଠିତ ଗାୟକ ଅରୁଣ ନିଶ୍ଚଳଙ୍କର ମନୋଲୋଭା ସଙ୍ଗୀତ ଗୁଡିକ ଖୁବ ମନମୁଗ୍ଧକର ଥିଲା । ଯୁବ ଓଡିଶୀ ନୃତ୍ୟଶିଳ୍ପୀ ତ୍ରିଷ୍ଣା ତମନ୍ନାଙ୍କର ପ୍ରସ୍ତୁତି ମଧ୍ୟ ବେଶ ଉଚ୍ଚକୋଟୀର ଥିଲା । କାବ୍ୟା, ଆରାଧ୍ୟା ଓ କନିଷ୍କାଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ୍ ନୃତ୍ୟ ଓ ପ୍ରାଚ୍ୀ, ବର୍ଷା, ରୁଚିସ୍ମିତା ଏବଂ ପ୍ରଜ୍ଞା ପରିମିତାଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଲୋକନୃତ୍ୟ ଦର୍ଶକ ମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ସୁଦକ୍ଷ ଉଦଘୋଷିକା ଇପ୍ସା ପ୍ରତିବିମ୍ବିତା ଷଡଙ୍ଗୀ ଖୁବ ସୂଚାରୁ ରୂପେ ସଂଚାଳନା କରିଥିଲେ । ୨୩ ତମ ଶ୍ରୀ ଗଣେଶ ମହୋତ୍ସବକୁ ସଫଳତାର ସହିତ ଆୟୋଜନ କରିବାର ମୁଖ୍ୟ ପୁରୋଧା ପୂଜା କମିଟିର ପ୍ରତିଷ୍ଠାତା ସଭାପତି ବିମଳ ଭଳ ଓ ତାଙ୍କର ସହଧର୍ମିଣୀ ମହାକାଙ୍କ୍ଷା ପ୍ରତିଷ୍ଠାନ ର ପ୍ରତିଷ୍ଠାତ୍ରୀ ପୁଷ୍ପାଞ୍ଜଳି ବାରିକ ଥିଲେ । ଉତ୍ସବ ପରିଚାଳନାରେ ସକ୍ରୀୟ ସହଯୋଗ ପ୍ରଦାନ କରିଥିବା କମିଟିର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନଙ୍କ ମଧ୍ୟରେ ଅଜୟ ସାହୁ, ଅଜିତ୍ର ସ୍ୱାଇଁ, ଅନୁପ ସ୍ୱାଇଁ, ବଙ୍କିମ ପରିଡା, ବିକ୍ରମ ଭୂୟାଁ, ଧନେଶ୍ୱର ପରିଡା, ଗଗନ ସାମଲ, ଗଙ୍ଗାଧର ସାମଲ, ଘନଶ୍ୟାମ ମହାନ୍ତି, ଜୀବନ ନାୟକ, କିରଣ ଧଳ, କିଶୋର ରାୟ, ମନୋଜ ଜେନା, ନାରାୟଣ ବିଶ୍ୱାଳ, ପ୍ରସନ୍ନ ସ୍ୱାଇଁ, ନିହାର ମହାନ୍ତି, ନିରଞ୍ଜନ ପରିଡ଼ା, ନିଶିକାନ୍ତ ମଣ୍ଡଳ, ପ୍ରବୀର ମଲ୍ଲ, ପ୍ରଦୀପ ସ୍ୱାଇଁ, ପ୍ରଦୀପ ନାୟକ, ପ୍ରଦ୍ୟୁମ୍ନ ପ୍ରଧାନ, ପ୍ରକାଶ ସାହୁ, ରାଜକିଶୋର ସାହୁ, ରଞ୍ଜନ ଧଳ, ରଞ୍ଜିତ ପ୍ରଧାନ, ରବୀନ୍ଦ୍ର ସୁତାର, ରବୀନ୍ଦ୍ର ଜେନା, ସନାତନ ରାଉତ, ସଞ୍ଜୟ ରାଉତ, ଶଶିକାନ୍ତ ସାମଲ, ସତ୍ୟବାନ ଭୂୟାଁ, ଶିଶିର ପ୍ରଧାନ, ଶ୍ରୀଧର ସ୍ୱାଇଁ ,ସୁନାକର ସାମଲ, ସୁରେଶ ନାୟକ, ସ୍ୱରୂପ ସ୍ୱାଇଁ, ତ୍ରିଲୋଚନ ବାରିକ ଏବଂ ଉମେଶ ସାହୁ ପ୍ରମୁଖ ଅନ୍ୟତମ ଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନିଲ ଜେନା, ସୁରେନ୍ଦ୍ର ମାଣିକ, ମନୋଜ ସାହୁ, ସୁଧାଂଶୁ ସାହୁ,ଭଗବାନ ପରିଡା,ଶରତ ଶର୍ମା , କୈଳାସ ବେହେରା ,ପ୍ରିୟତମା କର, ଡଃ ରୀନାକ୍ଷୀ ଦାସ ଏବଂ କାବେରୀ ବେହେରା ପ୍ରମୁଖ ସାମିଲ ଥିଲେ ।ପରଦିନ ଅପରାହ୍ନରେ ଶ୍ରୀ ଗଣେଶଙ୍କର ପ୍ରତିମାକୁ ଓଡ଼ିଆ ସମାଜର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ଦ୍ୱାରା ଖୁବ ଜାକଜମକ ମଧରେ ଡି.ଜେ. ଓ ଢୋଲ ବାଦ୍ୟର ବାଜଣା ସହିତ ରୋଷଣୀ କରି ୱାଜିରପୁରସ୍ଥିତ ଯମୁନା ନଦୀ କୂଳକୁ ନିଆଯାଇ ସେଠାରେ ବିଗ୍ରହର ବିସର୍ଜନ ପର୍ବ ସମାପନ କରାଯାଇଥିଲା ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓ୍ୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ଜାଗ୍ରତ କନ୍ଧମାଳ ଓଡିଶାର ନୂତନ କର୍ମକର୍ତ୍ତା ଚୟନ

ଫୁଲବାଣୀ,ସୂର୍ଯ୍ୟ ନାରାୟଣ ବେହେରା, (ପି.ଏନ) : କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର ଶଙ୍କରାଖୋଲ ଅଡାବାଡ଼ି ଶାଳବଣ ଠାରେ ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଂଗଠନର ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇ ଥିଲା କ୍ଷ ସଂଘର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଗଠନର ପାଞ୍ଚ ବର୍ଷ ପୂର୍ତ୍ତି ହୋଇଯାଇଥିବାରୁ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସଭାପତି ପଦରୁ ଅବ୍ୟାହତ ନେବାକୁ ଅନୁରୋଧ କରିଥିଲେ । ସଭାପତିଙ୍କ ଅନୁରୋଧ ଏବଂ ସଂଗଠନ ପରିଷଦର ଆଲୋଚନା କ୍ରମେ ଆଗାମୀ ପାଞ୍ଚ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା କ୍ଷ ସଭାପତି ରୂପେ ଅରୁଣ ନାୟକଙ୍କୁ ମନୋନୀତ କରାଯାଇ ଥିବା ବେଳେ ସମ୍ପାଦକ ଭାବେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରାଙ୍କୁ ପୁଣି ଥରେ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି କ୍ଷ ସେହିପରି ଉପ ସଭାପତି ଭାବେ ପ୍ରେମାନନ୍ଦ ମାଝୀ, ସହ ସମ୍ପାଦକ ଭାବେ ସୋମନାଥ ନାୟକ, କୋଷାଧକ୍ଷ ଭାବେ ମେନକା ଆର୍‌ଦଲି, ଅନୁସୂଚିତ ଜନଜାତିର ସଂଗଠନ ସଭାପତି ରୂପେ କାଳିଦାସ ପ୍ରଧାନ, ପଛୁଆ ବର୍ଗ ସଂଗଠନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ସଂଯୋଜକ ଭାବେ ବିପ୍ର ବର ସ୍ୱାଇଁ, ସହଦେବ ପାତ୍ର, ଅନୁସୂଚିତ ଜାତି ପାଇଁ ହୃଷିକେଶ୍ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶୁକାନ୍ତି ବେହେରା, ଉମା ଚରଣ ମୁଖୀଙ୍କୁ ସର୍ବ ସମ୍ମତି କ୍ରମେ ଗ୍ରହଣ କରାଗଲା । ଏଥିସହିତ ସଂଗଠନର ମୁଖ୍ୟ ଉପଦେଷ୍ଟା ଭାବେ ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ବେଳେ ଶ୍ୱ ?ତାବନ ପୂଜାରୀ, ହରିଶ୍ଚନ୍ଦ୍ର ମହାରଣା, ସୁନୀଲ କୁମାର ବିଶ୍ୱାଳ, ଡଃ ସୂର୍ଯ୍ୟ ନାରାୟଣ ବେହେରା, ଡଃ ସୋମନାଥ ବାଘ,ଅଙ୍ଗଦ ବେହେରା ପ୍ରମୁଖଙ୍କୁ ମନୋନୀତ କରାଯାଇଛି କ୍ଷ ସେହିପରି ସଂଗଠନର ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି । ନବ ନିର୍ବାଚିତ କର୍ମକର୍ତ୍ତା ମାନେ ସଙ୍ଗଠନକୁ ମଜଭୁତ କରିବାକୁ ହେଲେ ନିଜ ନିଜ ଭିତରେ ଭାଇଚାରା ବଜାୟ ରଖିବା ସହିତ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ପାଇଁ ସଂକଳ୍ପ କରିଥିଲେ । ସଂଗଠନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ବେହେରା ଆଗାମୀ ଦିନରେ ଜିଲ୍ଲାର କିଛି ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେବାକୁ ମଧ୍ୟ ଆଲୋଚନା କରିଥିଲେ କ୍ଷ ଯେପରି ଜିଲ୍ଲାର ସମସ୍ତ ଡ଼ାକ୍ତର ଖାନାରେ ଖାଲିଥିବା ଡ଼ାକ୍ତର ପଦବୀ ଓ ସମସ୍ତ ବିଭାଗରେ ଖାଲିଥିବା ପଦବୀ ପୂରଣ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଅଲ୍ଟ୍ରାସାଉଣ୍ଡ ଖୋଲାଯାଇଛି ସତ କିନ୍ତୁ ସମସ୍ତେ ତାହାର ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ଡାକ୍ତର ମାନେ ରୋଗୀଙ୍କୁ ବାହାରକୁ ରେଫର୍ କରୁଛନ୍ତି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକମାନେ ଏ ସୁବିଧା ନ ପାଇପାରି ଖର୍ଚ୍ଚାନ୍ତ ହେଉଛନ୍ତି ଏବଂ ମେଡ଼ିକାଲ କଲେଜରେ କନ୍ଧମାଳ ଜିଲ୍ଲା ବାସିନ୍ଦା ।ସମସ୍ତ ପଦବୀରେ ଓ ନାମ ଲେଖାରେ ୫୦% ସରକ୍ଷଣ କରାଯାଉ ।କନ୍ଧମାଳ ଜିଲ୍ଲାରେ ଖାଲି ଥିବା ପୋଲିସ୍ ଅଫିସର ଓ କନେଷ୍ଟବଳ ପଦବୀ ପୂରଣ ସହିତ ଆବଶ୍ୟକୀୟ ସ୍ଥାନରେ ଫାଣ୍ଡି ସ୍ଥାପନା କନ୍ଧମାଳ ଜିଲ୍ଲାକୁ ରେଳ ଲାଇନ୍ ସଂଯୋଗ ଓ ଜିଲ୍ଲାରେ କାଗଜ କଳ ପ୍ରତିଷ୍ଠା ।ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ , ନ୍ୟାୟଳୟ ପରିସରରେ ଭାରତରତ୍ନ ବାବା ସାହେବ ଡଃ.ବି. ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ପ୍ରତ୍ୟେକ ବିଦ୍ୟାଳୟରେ ତାଙ୍କ ଜୀବନିକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପ୍ରାର୍ଥନାରେ ସମ୍ବିଧାନର ମୁଖବନ୍ଧ ପାଠ କରାଯିବା ସହିତ ସମ୍ବିଧାନକୁ ପାଠ୍ୟକ୍ରମରେ ରଖାଯିବା ନିମନ୍ତେ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ ନିମନ୍ତେ ଯୋଜନା କରାଯିବାକୁ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ କ୍ଷ ଏଥି ସହିତ ପଛୁଆବର୍ଗଙ୍କ ପାଇଁ ୫୨% ସ୍ଥାନ ସରଂକ୍ଷଣ ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉ ନାହିଁ ତେଣୁ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ମ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟଷ୍ମ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ ।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ମ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ମ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାରର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ୫୭୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ନିମାପଡା ,(ପି.ଏନ):ଆଜି ନିମାପଡା ଟାଉନହଲ୍ ଠାରେ ନିମାପଡା ବ୍ଲକ ତରଫରୁ ମଧୁବାବୁ ବାର୍ଦ୍ଧକ୍ୟ ଭତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାତୋଟି ପଞ୍ଚାୟତ ଶଗଡା,ବଡ଼ମାଚ୍ଛପୁର,ବାମନାଳ, ସଲଙ୍ଗ, ଅରିସଣ୍ଡ , ଧଳେଶ୍ୱର ଓ ତମ୍ପାଳ ର ୫୭୭ ଜଣ ହିତାଧିକାରୀ ଙ୍କୁ ଭତ୍ତା ପ୍ରଦାନ କରିଥିଲେ ।ଏହି ଭତ୍ତା ବଣ୍ଟନ ମେଳା ରେ ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ,ବ୍ଲକ ଉପାଧକ୍ଷା ଅନୁସୟା ମହାନ୍ତି,ବିଡ଼ିଓ ବସନ୍ତ ମଲ୍ଲିକ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ବ୍ଲକ ବିଜେଡି ସଭାପତି ଅଶୋକ ସାହୁ,ପୂର୍ବତନ ବ୍ଲକ ଉପାଧକ୍ଷ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ ।




# ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆରମ୍ଭ ହେବ ୩ ନୂତନ ବିଭାଗ, ଷ୍ଟାଣ୍ଡିଂ ଏକାଡେମିକ୍ କମିଟିର ଅନୁମୋଦନ



ଭୁବନେଶ୍ୱର, (ପି.ଏନ): ରୋଗୀସେବା ଏବଂ ଅନ୍ୟାନ୍ୟ ବିଭିନ୍ନ ସେବାକୁ ତ୍ୱରାନ୍ୱିତ କରିବାକୁ, ଏମ୍ ?ସ ଭୁବନେଶ୍ୱରରେ ଆଉ ତିନିଟି ନୂତନ ବିଭାଗ ଆରମ୍ଭ ହେବ। ଏହି ବିଭାଗଗୁଡ଼ିକରେ ସଂକ୍ରାମକ ରୋଗ ବିଭାଗ, ବାୟୋ ଇନଫର୍ମାଟିକ୍ସ ବିଭାଗ ଏବଂ ବାୟୋଷ୍ଟାଟିଟିକ୍ସ ବିଭାଗ ଅନ୍ତର୍ଭୁକ୍ତ। ଏମ୍ ?ସରେ ଆରମ୍ଭ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକ ନିମନ୍ତେ ଷ୍ଟାଣ୍ଡିଂ ଏକାଡେମିକ୍ କମିଟି ଏହାର ଅନୁମୋଦନ ପ୍ରଦାନ କରିଛି। ଏହି ରୋଗୀ ସେବା ତଥା ଅନ୍ୟାନ୍ୟ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଛନ୍ତି ଏମ୍ ?ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଜଣାଶୁଣା ସଂକ୍ରାମକ ରୋଗ ବିଶେଷଜ୍ଞ ଡ. ଆଶୁତୋଷ ବିଶ୍ୱାସ। ଏମ୍ ?ସର ଏକାଦଶ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ଏହି ସୂଚନା ପ୍ରଦାନ କରିଛନ୍ତି ଡ. ବିଶ୍ୱାସ।ଏହି ଅବସରରେ ଡ. ବିଶ୍ୱାସ କହିଛନ୍ତି ଯେ ଗତ ବର୍ଷ ସ୍ୱାସ୍ଥ୍ୟସେବା ଏବଂ ଅନୁସନ୍ଧାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଏହି ଅନୁଷ୍ଠାନ ପାଇଁ ଗୌରବ ଆଣିଦେଇଛି। ଏଥିସହିତ ଏକାଡେମିକ୍ ପ୍ରୋଗ୍ରାମର ସମ୍ପ୍ରସାରଣ ବିଷୟରେ ସୂଚନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ। ଏମ୍ ?ସ ଭୁବନେଶ୍ୱରରେ ଛଅ ବର୍ଷିଆ ଏମ୍ ?ସିଏଚ୍ ? ଶିଶୁରୋଗ ସର୍ଜରୀ ପାଠ୍ୟକ୍ରମ, ଶିଶୁ ପଲ୍ ?ମୋନୋଲୋଜି ଏବଂ ଇଣ୍ଟେନ୍ସିଭ୍ କେୟାରରେ ଡିଏମ୍ ପାଠ୍ୟକ୍ରମ ଏବଂ ଶିଶୁ ସଂକ୍ରମଣ ରୋଗ ଏବଂ ଡିଏମ୍ ନେଫ୍ରୋଲୋଜିରେ ବିଶେଷଜ୍ଞ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ନୂତନ ବିଭାଗ ଏବଂ ଏକାଡେମିକ୍ କାର୍ଯ୍ୟକ୍ରମ ରୋଗୀ ସେବାରେ ଉନ୍ନତି ତଥା ଗବେଷଣା କ୍ଷେତ୍ରରେ ବିଶେଷ ସହାୟକ ହେବାନେଇ ଡ. ବିଶ୍ୱାସ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରକମଲକର ଯୋଗଦେଇ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଏମ୍ ?ସ ଭୁବନେଶ୍ୱରଙ୍କୁ ଅଭିନନ୍ଦନ ଜଣାଇବା ସହ ଗବେଷଣା ଏବଂ ରୋଗୀ ସେବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାହାନାଗା ଟ୍ରେନ୍ ଦୁର୍ଘଟଣାର ମୃତ ଶରୀର ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ଏବଂ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।ଏକାଦଶ ବାର୍ଷିକ ଉତ୍ସବରେ ବାର୍ଷିକ ସ୍ମରଣିକା 'ଦି ଇନ୍ସାଇଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ପୁସ୍ତକ କ୍ଲିନିକାଲ୍ ? ଫିଚର୍ସ ଅଫ୍ ମେଲିଡିଓସିସ୍ ?କୁ ମଧ୍ୟ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏମ୍ସ ଭୁବନେଶ୍ୱରରେ ମେଲିଓଏଡୋସିସ୍ ରୋଗୀଙ୍କ ପରିଚାଳନା ଉପରେ ଆଧାରିତ ଏହି ପୁସ୍ତକ ଭାରତୀୟ ପ୍ରସଙ୍ଗରେ ମେଲିଓଏଡୋସିସ୍ ରୋଗ ପରିଚାଳନା ପାଇଁ ଏକ ମୂଲ୍ୟବାନ ଉତ୍ସ ହେବ ବୋଲି ଆଶା କରାଯାଉଛି ।ଅନ୍ୟମାନଙ୍କ ମଧ୍ୟରେ ଡିନ୍ ? (ଏକାଡେମିକ୍ସ) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଭାରପ୍ରାପ୍ତ କୁଳସଚିବ ଡ. ଦେବୋପ୍ରିୟ ବନ୍ଦ୍ୟୋପାଧ୍ୟାୟ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗରିବ ନିରାଶ୍ରୟ ୪୫ ପରିବାରକୁ ଘର ଯୋଗାଇଲା ଫରୱାର୍ଡ ଏନଜିଓ ସଂସ୍ଥା



ପାରାଦୀପ,(ପି.ଏନ): ପାରାଦୀପ ରେ ଥିବା ଗରିବ ଓ ନିରାଶ୍ରୟ ୪୫ ପରିବାର ଙ୍କୁ ଆଜବେଷ୍ଟ୍ ଘର ନିର୍ମାଣ କରି ଯୋଗାଇ ଦେଇଛି ଫରୱାର୍ଡ ଏନଜିଓ ସଂସ୍ଥା କ୍ଷ ନିକଟରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପାରାଦୀପ ଉପକଣ୍ଠ ନୂଆଗଡ ପଞ୍ଚାୟତ ବିଜୟଚାନ୍ଦପୁର ବସ୍ତିରେ। ଯେଉଁଠି ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଗରିବ ଖଟିଖିଆ ଓ ନିରାଶ୍ରୟଙ୍କ ପାଇଁ ମାଳମାଳ ଯୋଜନା କରୁଛନ୍ତି, ଏଠି କିନ୍ତୁ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଯାହାକୁ ନେଇ ଫରୱାର୍ଡଏନଜିଓ ତରଫରୁ ୪୫ ଗରିବ ନିରାଶ୍ରୟ ପରିବାର ଙ୍କୁ ଆଜବେଷ୍ଟ୍ ଘର ତିଆରି କରି ଘର ସେମାନଙ୍କୁ ଯୋଗାଇ ଦିଆଯାଇଛି । ଏହି ବସ୍ତିରେ ପ୍ରାୟ ୪ ଶହରୁ ଉର୍ଦ୍ଧ ପରିବାର ବସବାସ କରୁଥିବା ବେଳେ ସମସ୍ତେ ପ୍ରାୟ ଦିନ ମଜୁରୀଆ ଓ ମତ୍ସ୍ୟଜୀବୀ । ତେବେ ଏଥି ମଧ୍ୟରୁ ୧୦୦ ରୁ ଉର୍ଦ୍ଧ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସେମାନେ ଚାଳ ଛପର ଓ ଝୁମ୍ପୁଡି ଘରେ ରହି ଆସୁଥିଲେ। ତେବେ ଫରୱାର୍ଡ ସଂସ୍ଥା ତରଫରୁ ଆଜବେଷ୍ଟ୍ ଘର ତିଆରି କରି ପ୍ରଥମ ପର୍ଯ୍ୟାୟରେ ୪୫ ପରିବାର ଙ୍କୁ ଗୋଟିଏ ଗୋଟିଏ ଘର ଯୋଗାଇ ଦିଆଯାଇ ଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ବସ୍ତିବାସିନ୍ଦା । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଓ ଆର୍ସ ?ଲର ମିତ୍ତଲ ନିପ୍ପନ ଷ୍ଟିଲ କମ୍ପାନୀର ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରକୃତ ହିତାଧିକାରୀ ମାନଙ୍କୁ ଘର ର ତାଲାଚାବି ସହ କାଗଜପତ୍ର ପ୍ରଦାନ କରିଥିଲେ। ଗରିବ ହିତାଧିକାରୀ ପରିବାର ଙ୍କୁ ଗୋଟିଏ ଗୋଟିଏ ଘର ଦେଇ ସେମାନଙ୍କ ମୁହଁରେ ଆଜି ହସ ଫୁଟାଇ ଥିବା ବେଳେ ଫରୱାର୍ଡ ସଂସ୍ଥା ର ଏଭଳି ମହତ କାର୍ଯ୍ୟ କୁ ଅତିଥି ମାନେ ପ୍ରଶଂସା କରିଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ମାନଙ୍କୁ ଘର ଯୋଗାଇ ଦେବାକୁ ଫରୱାର୍ଡ ଏନଜିଓ ର ସମ୍ପାଦକ ପ୍ରସନ୍ନ କୁମାର ଲିମା ପ୍ରତିଶ୍ରୁତି ଦେଇଛନ୍ତି ।

## ଆସନ୍ତା ୨୯ରେ ଚୁଡାପାଲି ଠାରେ ପ୍ରଜା ଆନ୍ଦୋଳନର ୮୪ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ପ୍ରସ୍ତୁତି

ବଲାଙ୍ଗୀର, (ପି.ଏନ): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ଗ୍ରାମ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଯୋଗେଶ୍ୱର କୁମୁରାଙ୍କ ନେତୃତ୍ୱରେ ଅବିଭକ୍ତ ବଲାଙ୍ଗିର ଜିଲ୍ଲାରେ ପ୍ରଜାଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ବେଠି ବେରୋଜଗାର, ଦୁରାଚାରକୁ ରୋକିବା ପାଇଁ ରାଜତନ୍ତ୍ର ବିରୁଦ୍ଧରେ ୨୯ ସେପଟ୍ଟେମ୍ବର ୧୯୩୮ ମସିହାରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ ସମୟରେ ଶହ ଶହ ଶଗଡ ଗାଡିରେ ହଜାର ହଜାର ସଂଖ୍ୟାରେ ପ୍ରଜା ଚୁଡାପାଲିରୁ ବଲାଙ୍ଗିର ଆସି ପ୍ରଜା ଆନ୍ଦୋଳନରେ ଯୋଗ ଦେଇଥିଲେ ।

## ଜୁଗୁଡି ଗ୍ରାମରେ ଗଣେଶ ପୂଜାରେ ମାନ୍ୟବର ବିଧାୟକଙ୍କ ଯୋଗଦାନ

କୁକୁଡ଼ାଖଣ୍ଡି,ଇପିଲି ପୂର୍ଣ୍ଣଚନ୍ଦ୍ର (ପି.ଏନ): ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ କୁକୁଡ଼ାଖଣ୍ଡି ବ୍ଲକ ସିହଳା ଗ୍ରାମ ପଞ୍ଚାୟତ ର ଜୁଗୁଡି ଗ୍ରାମ ର ଯୁବକ ଭାଇ ମାନଙ୍କ ଦ୍ୱାରା ବିଭିନ୍ନ ସାହି ରେ ଗଣେଶ ପୂଜା ପାଳନ କରାଯାଇଛି ଓ ଏହି ଗ୍ରାମରେ ଗଣେଶ ପୂଜା ଆସିଲେ ଖୁସି ର ଲହରୀ ଆସିଥାଏ । ଏହି ଗଣେଶ ପୂଜା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଲେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡି ବିଧାୟକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା । ଗଣେଶ ପୂଜା ରେ ଯୋଗ ଦେଇଥିବା ମୁଖ୍ୟ ଅତିଥି କୁ ସେହି ଗ୍ରାମର ଯୁବକ ଭାଇ ମାନେ ଫୁଲ ମାଳ ସହ ବାଣ ଫୁଟାଇ ଉଥି ବଜାଇ ମାନ୍ୟବର ବିଧାୟକ ଙ୍କୁ ଗଣେଶ ମେଢ଼ ଦର୍ଶନ କରାଇଛନ୍ତି । ଗଣେଶ ମେଢ଼ ଦର୍ଶନ କରିବା ପରେ ସେହି ଗ୍ରାମର ବାସିନ୍ଦା ଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ମଧ୍ୟ କରିଛନ୍ତି । ମାନ୍ୟବର ବିଧାୟକଙ୍କ ସହ ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶ୍ରୀଯୁକ୍ତ ବିକାଶ ପଶୁପାଳକ, ଦିଗପହଣ୍ଡି ଘଇଉ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପଣ୍ଡା, ଦିଗପହଣ୍ଡି ଘଇଉ ଉପାଧ୍ୟକ୍ଷ ଶ୍ରୀଯୁକ୍ତ କାପଲ କୁନା ଓ ସିହଳା ଗ୍ରାମ ପଞ୍ଚାୟତ ର ସରପଂଚ୍ ଗୌରୀ ଗୌଡ଼, ସମାଜସେବୀ ପ୍ରତାବ ପାଢ଼ୀ, ପୂର୍ବତନ ସମିତି ସଭ୍ୟ ହେମନ୍ତ ସାହୁ,କାଳିଆ ଦାସ, ଯୁବ ନେତା ବାବୁ ଗୌଡ଼ ଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ରହିଥିଲେ।

# ତାଳଚେର ଗଣେଶ ପୂଜା ମଣ୍ଡପ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ତାଳଚେର,(ପି.ଏନ): କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୋବାର ସନ୍ଧ୍ୟାରେ ତାଳଚେର ସହରରେ ପ୍ରସିଦ୍ଧ ଗଣେଶ ପୂଜା ମଣ୍ଡପ ବୁଲି ଦର୍ଶନ କରିଛନ୍ତି ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଉଳବେଡା ତେଲିସାହି ଠାରୁ ଆରମ୍ଭ କରି ହାଣ୍ଡିଧୂଆଁ, ଶର୍ମାଛକ, ହାଟତୋଟା,ତାମ୍ରିଟ ମାର୍କେଟ, ବାଇପାସ, ରାମଚନ୍ଦ୍ର ବଜାର, ହନୁମାନ ପଡା, କାରିଗର ପଡା, ବଉଳଛକ, ଭୈରବୀ ସାହି, ବଡ଼ ବଜାର ଓ ବଡ଼ଦାଣ୍ଡ ସାହି ପର୍ଯ୍ୟନ୍ତ ଗଣେଶ ପୂଜା ମଣ୍ଡପ କୁ ଚାଲି ଚାଲି ଯାଇ ଅଗ୍ରପୂଜ୍ୟ ଗଣନାଥ ଙ୍କୁ ଦର୍ଶନ କରିଥିଲେ ।ସମସ୍ତ ପୂଜା କମିଟି ସଦସ୍ୟ ମାନେ କେନ୍ଦ୍ରମନ୍ତ୍ରୀ ଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।ଶେଷରେ ବଡ଼ଦାଣ୍ଡ ସାହି ଠାରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ର ପରମ୍ପରା ସ୍ୱତନ୍ତ୍ର ବୋଲି ପ୍ରକାଶ କରିବା ସହ ବିଘ୍ନ ବିନାଶକଙ୍କ ଅପାର କରୁଣାରୁ ତାଳଚେର ବାସୀ ଙ୍କର ଉତ୍ତରୋତ୍ତର କାମନା କରିଥିଲୋ।ତାଳଚେର ମାଟି ପାଇଁ ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ତାଳଚେର ଆସି ଗଣେଶ ପୂଜା ରେ ବୁଲି ବହୁ ଆତ୍ମୀୟ ଙ୍କ ସହ ସାକ୍ଷାତ ହୋଇ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ ।କେନ୍ଦ୍ରୀୟ ଗଣେଶ ପୂଜା କମିଟି ର ଏକ ସ୍ମରଣୀକା କୁ କେନ୍ଦ୍ରମନ୍ତ୍ରୀ ଉନ୍ମୋଚନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ରନାରାୟଣ ପାଣି, ବିଜେପି ତାଳଚେର ବିଧାନସଭା ନେତା ତଥା ଏନ ଏସ ଅଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ,ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା,ପର୍ଶୁରାମ ବାରିକ, ସତ୍ୟବନ୍ତ ସାହୁ, ନିରୋଜ ଦାସ,ଅଖିଳ ସାମଲ,ଦୟା ସାଗର ମିଶ୍ର, କାଳନ୍ଦି ପ୍ରଧାନ,କାଉନସିଲର ସ୍ୱାଧୀନ ଥମ୍ଭ, ସନ୍ତୋଷ ବେହେରା ଓ ଅନିତା ବିଶ୍ୱାଳ, ମନୋଜ ପ୍ରଧାନ, ବିଭୁତି ସାହୁ, ଜ୍ଞାନେନ୍ଦ୍ରିୟ ସେଠି, ବାଲ୍ମୀକି ପ୍ରସାଦ କେଶରୀ,ଶଙ୍କର୍ଷଣ ବେହେରାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday September 27, 2023 ଭୁବନେଶ୍ବର ବୁଧବାର, ସେପ୍ଟେମ୍ବର ୨୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜୁଗୁଡି ଗଣେଶ ପୂଜା ଉତ୍ସବରେ ଯୋଗ ଦେଲେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା

କୁକୁଡ଼ାଖଣ୍ଡି, ଇପିଲି ପୂର୍ଣ୍ଣଚ୍ନ୍ଦ୍ର,(ପି.ଏନ): ଦିଗପହଣ୍ଡି ନିର୍ବାଚ୍ନ ମଣ୍ଡଳୀର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ସିହଳା ଗ୍ରାମ ପଞ୍ଚାୟତର ଜୁଗୁଡି ଗ୍ରାମରେ ପ୍ରତି ବର୍ଷ ଭଳି ଏହି ବର୍ଷ ମଧ ମହାଧୁମଧାମରେ ପାଳନ ହୋଇଯାଇଛି ଗଣେଶ ପୂଜା ଉତ୍ସବ।ଜୁଗୁଡି ଗ୍ରାମର ଚ୍ତୁର୍ଦିଗରେ ରହିଥିବା ବିଭିନ୍ନ ସାହିରେ ପ୍ରଭୁ ଗଣେଶଙ୍କ ମେଢ଼ ବେଶ ଆକର୍ଷଣୀୟ ହୋଇଛି। ଗଣେଶ ପୂଜା ଆସିଲେ ଗ୍ରାମର ଯୁବକ ସଙ୍ଘ ଓ ଛାତ୍ର ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଉଛି।ଫଳରେ ବେଶ ଉତ୍ଚ୍ାହିତ ହୋଇପଡିଥାନ୍ତି ଗ୍ରାମବାସୀ।ଏହି ପୂଜା ଅବସରରେ ସାନଖେମୁଣ୍ଡି ବିଧାୟକ



ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ ବିଧାୟକ ରମେଶ ଚ୍ନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ଏଥି ପୂର୍ବରୁ ଯୋଗ ଦେବାକୁ ଆସିଥିବା ମୁଖ୍ୟ ଅତିଥିଙ୍କୁ ଗ୍ରାମବାସୀ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିରାଟ ପଟୁଆରରେ ପୂଜା ମଣ୍ଡପ ନିକଟକୁ ପାଛୋଟି ନେଇଥିଲେ। ପରେ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚ୍ନା କରିଥିଲେ।ଏହି ଅବସରରେ ଅନ୍ୟତମ ଅତିଥି ରୂପେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା,ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିକାଶ ପଶୁପାଳକ,ଦିଗପହଣ୍ଡି ଏନଏସି ଉପାଧ୍ୟକ୍ଷା ପ୍ରତିନିଧି କାପଲ କୁନା,ସ୍ଥାନୀୟ ସରପଞ୍ଚ ଗୌରୀ ଗୌଡ଼,ସମାଜସେବୀ ପ୍ରତାପ ପାଢ଼ୀ,ପୂର୍ବତନ ସମିତି ସଭ୍ୟ ହେମନ୍ତ ସାହୁ,କାଳିଆ ଦାସ,ଯୁବ ନେତା ବାବୁ ଗୌଡ଼ଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀ ଓ ଯୁବକ ଗୋଷ୍ଠି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କୀଡନି ରୋଗରେ ଜୀବନ ସହ ସଙ୍ଘର୍ଷ କରୁଛନ୍ତି ସୁମିତ୍ରା

ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ହରିଦାସପୁର ଗ୍ରାମପଞ୍ଚାୟତ ଅଧିନସ୍ଥତ ବ୍ରହ୍ମପୁର ଶାସନ ଗ୍ରାମର ସୁମିତ୍ରା ଦେହୁରୀ ପିତା ସୁର ଦେହୁରୀ । ସେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ସାଙ୍ଗକୁ ଅସହାୟ ଝିଅ । ସେ କିଛିଦିନ ହେବ ସାମାନ୍ୟ ଜ୍ୱର ଓ ବିନ୍ଧା ଛିଟିକା ହେବାରୁ ମେଡିସିନ୍ ଖାଇ ଭଲ ହୋଇଯାଉଥିଲେ । ଅତ୍ୟଧିକ ଯନ୍ତ୍ରଣା ହେବାରୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ଚ୍କିତ୍ସାରୁ ଜଣାପଡିଲା ଯେ କୀଡନି ଖରାପ ସହ ପେଟରେ ଟ୍ୟୁମର ହୋଇଛି । ଆର୍ଥିକ ଅବସ୍ଥାରୁ ସେ ଏହି ରୋଗ ଚ୍କିତ୍ସା ପାଇଁ ସମର୍ଥ ନଥିଲେ । ସେହିପରି ପାଖରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରୁ ଔଷଧ ଖାଇ ସୁସ୍ଥ ହୋଇଯାଉଥିଲେ । ଦେହ ଧିରେ ଧିରେ ଅସୁସ୍ଥ ହେବାରୁ ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ଟଙ୍କାଟିଏ ବି ପାଖରେ ନଥିଲା । ଦିନକୁ ଦିନ ଏପରି ହେବାର ରୋଗ ବଢିବାକୁ ଲାଗିଲା । ତାଙ୍କ



ବାପା ଜଣେ ଦିନମଜୁରୀଆ ଶ୍ରେଣୀର ପରିବାର କହିଲେ ତିନି ଝିଅ ଓ ସ୍ୱାମୀ ସ୍ତ୍ରୀ ସହ ପାଞ୍ଚ ପ୍ରାଣୀ କୁଟୁମ୍ବରେ ଏକ ଭଙ୍ଗା ଚ୍ାଳ ତଳେ ରହିଆସୁଛନ୍ତି। ବିଡମ୍ବନାର ବିଷୟ ବାପା ଝିଅର ଏପରି ଅବସ୍ଥାରେ ଡାକ୍ତରଖାନା ନେବା ଦୂରର କଥା ଟଙ୍କା ଟିଏ ପାଖରେ ନାହିଁ । ୫ ଜଣ ପରିବାରକୁ ଜଣେ ଦିନମଜୁରୀଆ ଲୋକ ଯାହା ରୋଜଗାର କରି ଆଣନ୍ତି ସେଥିରେ କଷ୍ଟେମଷ୍ଟେ ଦିନ ଚ୍ାଲିଯାଏ । ସରକାରଙ୍କ ସୁବିଧା କହିଲେ ୧୫ କେଜି ଚ୍ାଉଳ ଓ ଦିନ ମଜୁରୀ ଆଣନ୍ତି ସେଥିରେ ପରିବାର ଚ୍ଳେ । ଏହି ଖବର ପାଇବା ପରେ ଅସହାୟର ବନ୍ଧୁ ସେବା ସଂଗଠନର ସଂପାଦକ ଗଣେଶ୍ୱର ନାୟକଙ୍କ ପରାମର୍ଶ କ୍ରମେ ସଦସ୍ୟମାନେ ୨୪/୦୯/୨୦୨୩ ରବିବାର ଦିନ ସକାଳ ୯ଟାରେ ଟାଙ୍ଗିସ୍ଥିତ ପଦ୍ମିନୀ କେୟାର୍ ମେଡିକାଲ୍ ରେ ସୁମିତ୍ରାଙ୍କୁ ଭର୍ତ୍ତୀ କରିଥିଲେ । ପରୀକ୍ଷାରୁ ଜଣାପଡିଲା ସେ ୨ଟି ଯାକ କିଡନୀ ଖରାପ ହୋଇଛି । ଏପରି ପରିସ୍ଥିତିରେ ଅସହାର ପାଖରେ ଦେବଦୂତ ସାଜି ସମାଜସେବା ପ୍ରଦାନ କରିଥିବା କର୍ମୀମାନଙ୍କୁ ସେ ପ୍ରଶଂସା କରିବା ସହ ଭଗବାନ୍ ଙ୍କ ଦୂତ ବୋଲି ଅଭିହିତ କରିଥିଲେ । ଏହି କାର୍ଯ୍ୟରେ ସାମିଲ୍ ହୋଇଥିବା ସମାଜସେବୀ ହେଲେ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ଶ୍ରୀମତୀ ପାର୍ବତୀ ବେହେରା, ସଞ୍ଜୟ କୁମାର ସାହୁ ଓ ଶ୍ରୀ ଉମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ନୁଭୋକୋ ଭିସ୍ତାସ୍ କର୍ପ ଲିମିଟେଡ୍‌କୁ ନ୍ତଶ୍ରେଷ୍ଠ ସିଏସ୍ଆର୍ ପ୍ରଭାବ ପୁରସ୍କାର’ ପ୍ରଦାନ

ଭୁବନେଶ୍ୱର,(ପି.ଏନ): ଭାରତର ଅଗ୍ରଣୀ ସିମେଂଟ୍ କଂପାନି ନୁଭୋକୋ ଭିସ୍ତାସ କର୍ପ ଲିମିଟେଡ୍ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ପ୍ରତିବଦ୍ଧତା ପାଇଁ ଆଉ ଏକ ମାଇଲଖୁଂଟ ହାସଲ କରିଛି। ନୂଆଦିଲ୍ଲୀରେ ଚଳିତ ସେପ୍ଟେମ୍ବର ୧୪ରେ ୟୁବିଏସ୍ ଫୋରମ୍ ପକ୍ଷରୁ ଆୟୋଜିତ ସିଏସ୍ଆର୍ ସମ୍ମିଳନୀ ଓ ପୁରସ୍କାରର ଅଷ୍ଟମ ସଂସ୍କରଣରେ ସମ୍ମାନଜନକ ନ୍ତଶ୍ରେଷ୍ଠ ସିଏସ୍ଆର୍ ଇମ୍ପାକ୍ଟ ପୁରସ୍କାର’ ହାସଲ କରିଛି। କଂପାନି ଏହାର ପ୍ରକଳ୍ପ ତାରା (ଟେକ୍ନୋଲୋଜି ଏଡେଡ୍ ରିସୋର୍ସେସ୍ ଆଟ୍ ଅଙ୍ଗନବାଡ଼ି) ପାଇଁ ସ୍ୱଚ୍ଛ ଭାରତ-ସିଏସ୍ଆର୍ ଇମ୍ପାକ୍ଟ ପୁରସ୍କାର ବର୍ଗରେ ମନୋନୀତ ହୋଇଥିଲା। ଅଙ୍ଗନବାଡ଼ି ଗୁଡ଼ିକ ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ସେବାର ମାନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପକୁ ପ୍ରସ୍ତୁତ କରାଯାଇଛି ଯାହା ଗ୍ରାମାଚଂଳରେ ପ୍ରମୁଖ ଗୋଷ୍ଠୀ କେନ୍ଦ୍ର ଭାବେ କାର୍ଯ୍ୟ କରୁଛି।ପ୍ରକଳ୍ପ ତାରାର ଗୋଷ୍ଠୀ ସମୁଦାୟ ଉପରେ ଗଭୀର ପ୍ରଭାବ ରହିଛି। ଏହି ପ୍ରକଳ୍ପ ଦ୍ୱାରା ୧୨୦୦ରୁ ଅଧିକ ମହିଳା ଓ ୨୦୦୦ କିଶୋରୀ ବାଳିକା ଉପକୃତ ହୋଇଛନ୍ତି। ବହୁବିଧ ଦୃଷ୍ଟିକୋଣ ଯୋଗୁଁ ଏହି ପ୍ରକଳ୍ପ ସଫଳତା ହାସଲ କରିଛି ଯେଉଁଥିରେ ସାମିଲ ରହିଛି ଉନ୍ନତ ପ୍ରଯୁକ୍ତି ସମ୍ବଳ, ଅଙ୍ଗନବାଡ଼ି କର୍ମୀଙ୍କ ତାଲିମ ଓ ଦକ୍ଷତା ଗଠନ ଏବଂ ଗୋଷ୍ଠୀ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ।

# ଏମ୍ସ ଭୁବନେଶ୍ୱରରର ଏକାଦଶ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): ରୋଗୀସେବା ଏବଂ ଅନ୍ୟାନ୍ୟ ବିଭିନ୍ନ ସେବାକୁ ତ୍ୱରାନ୍ୱିତ କରିବାକୁ, ଏମ୍ସ ଭୁବନେଶ୍ୱରରେ ଆଉ ତିନିଟି ନୂତନ ବିଭାଗ ଆରମ୍ଭ ହେବ। ଏହି ବିଭାଗଗୁଡ଼ିକରେ ସଂକ୍ରାମକ ରୋଗ ବିଭାଗ, ବାୟୋ ଇନଫର୍ମାଟିକ୍ସ ବିଭାଗ ଏବଂ ବାୟୋଷ୍ଟାଟିଟିକ୍ସ ବିଭାଗ ଅନ୍ତର୍ଭୁକ୍ତ। ଏମ୍ ?ସରେ ଆରମ୍ଭ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକ ନିମନ୍ତେ ଷ୍ଟାଣ୍ଡିଂ ଏକାଡେମିକ୍ କମିଟି ଏହାର ଅନୁମୋଦନ ପ୍ରଦାନ କରିଛି। ଏହି ରୋଗୀ ସେବା ତଥା ଅନ୍ୟାନ୍ୟ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଜଣାଶୁଣା ସଂକ୍ରାମକ ରୋଗ ବିଶେଷଜ୍ଞ ଡ. ଆଶୁତୋଷ ବିଶ୍ୱାସ। ଏମ୍ସର ଏକାଦଶ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ଏହି ସୂଚ୍ନା ପ୍ରଦାନ କରିଛନ୍ତି ଡ. ବିଶ୍ୱାସ।ଏହି ଅବସରରେ ଡ. ବିଶ୍ୱାସ କହିଛନ୍ତି ଯେ ଗତ ବର୍ଷ ସ୍ୱାସ୍ଥ୍ୟସେବା ଏବଂ ଅନୁସନ୍ଧାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଏହି ଅନୁଷ୍ଠାନ ପାଇଁ ଗୌରବ ଆଣିଦେଇଛି। ଏଥିସହିତ ଏକାଡେମିକ୍ ପ୍ରୋଗ୍ରାମର ସମ୍ପ୍ରସାରଣ ବିଷୟରେ ସୂଚ୍ନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ। ଏମ୍ସ ଭୁବନେଶ୍ୱରରେ ଛଅ ବର୍ଷିଆ ଏମ୍ସିଏଚ୍ ଶିଶୁରୋଗ ସର୍ଜରୀ ପାଠ୍ୟକ୍ରମ, ଶିଶୁ ପଲ୍‌ମୋନୋଲୋଜି ଏବଂ ଇଣ୍ଟେନ୍ସିଭ୍ କେୟାରରେ ଡିଏମ୍ ପାଠ୍ୟକ୍ରମ ଏବଂ ଶିଶୁ ସଂକ୍ରମଣ ରୋଗ ଏବଂ ଡିଏମ୍ ନେଫ୍ରୋଲୋଜିରେ ବିଶେଷଜ୍ଞ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ନୂତନ ବିଭାଗ ଏବଂ ଏକାଡେମିକ୍ କାର୍ଯ୍ୟକ୍ରମ ରୋଗୀ ସେବାରେ ଉନ୍ନତି ତଥା ଗବେଷଣା କ୍ଷେତ୍ରରେ ବିଶେଷ ସହାୟକ ହେବାନେଇ ଡ. ବିଶ୍ୱାସ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରକମଲକର ଯୋଗଦେଇ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଏମ୍ସ ଭୁବନେଶ୍ୱରଙ୍କୁ ଅଭିନନ୍ଦନ ଜଣାଇବା ସହ ଗବେଷଣା ଏବଂ ରୋଗୀ ସେବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚ୍ାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାହାନାଗା ଟ୍ରେନ୍ ଦୁର୍ଘଟଣାର ମୃତ ଶରୀର ପରିଚ୍ାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଡାକ୍ତର, ପାରାମେଡିକାଲ୍ କର୍ମଚ୍ାରୀ ଏବଂ କର୍ମଚ୍ାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଦଶ ବାର୍ଷିକ ଉତ୍ସବରେ ବାର୍ଷିକ ସ୍ମରଣିକା ‘ଦି ଇନ୍‌ସାଇଟ୍’କୁ ଅତିଥିମାନେ ଉନ୍‌ମୋଚ୍ନ କରିଥିଲେ। ସେହିପରି ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ପୁସ୍ତକ କ୍ଲିନିକାଲ୍ ଫିଚ୍ରସ ଅଫ୍ ମେଲିଡିଓସିସ୍‌କୁ ମଧ ଅତିଥିମାନେ ଉନ୍‌ମୋଚ୍ିତ କରିଥିଲେ। ଏମ୍ସ ଭୁବନେଶ୍ୱରରେ ମେଲିଓଏଡୋସିସ୍ ରୋଗୀଙ୍କ ପରିଚ୍ାଳନା ଉପରେ ଆଧାରିତ ଏହି ପୁସ୍ତକ ଭାରତୀୟ ପ୍ରସଙ୍ଗରେ ମେଲିଓଏଡୋସିସ୍ ରୋଗ ପରିଚ୍ାଳନା ପାଇଁ ଏକ ମୂଲ୍ୟବାନ ଉତ୍ସ ହେବ ବୋଲି ଆଶା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ?(ଏକାଡେମିକ୍ସ) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଭାରପ୍ରାପ୍ତ କୁଳସଚ୍ିବ ଡ. ଦେବୋପ୍ରିୟ ବନ୍ଦ୍ୟୋପାଧ୍ୟାୟ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।ଆୟୋଜକ କମିଟିର ଆବାହକ ଡ. ସ୍ୱେତା ସିଂ ଏବଂ ସହଆବାହକ ଡ. ସୋମନାଥ ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବେଙ୍ଗାଲୁରୁ ଏଫ୍‌ସି ସହ ସନ୍‌କିଙ୍ଗ୍‌ର ସହଭାଗିତା

ଭୁବନେଶ୍ୱର,(ପି.ଏନ): ଲାଇଟିଙ୍ଗ୍, ଇଲେକ୍ଟ୍ରିକାଲ ଓ ସୋଲାର ଇଣ୍ଡଷ୍ଟ୍ରୀଜ୍ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନାମ ସନ୍ କିଙ୍ଗ୍ ପକ୍ଷରୁ ବେଙ୍ଗାଲୁରୁ ଏଫ୍‌ସି ସହ ନିଜର ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏଥିସହିତ କମ୍ପାନୀ ନିଜକୁ ବେଙ୍ଗାଲୁରୁ ଏଫ୍‌ସିର ଅଫିସିଆଲ ଲାଇଟିଙ୍ଗ୍ ପାର୍ଟନର୍ ଭାବେ ସ୍ଥାପିତ କରିଛି। ଏହି ସହଭାଗିତାରେ ସନ୍ କିଙ୍ଗ୍, ଫୁଟ୍‌ବଲ ଟିମ୍‌ର ବ୍ରାଣ୍ଡକୁ ଏହାର ମାର୍କେଟିଂ କୋଲାଟେରାଲ ଓ ପ୍ରଡକ୍ଟ ପ୍ୟାକେଜିଙ୍ଗ୍ କ୍ଷେତ୍ରରେ ସମନ୍ୱିତ କରିବ । ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଏକ ସହଭାଗିତା ଆରମ୍ଭ କରି ସନ୍ କିଙ୍ଗ୍ ଖୁବ୍‌ଶୀଘ୍ର ଶୁଭାରମ୍ଭ ହେବାକୁ ଥିବା ଏକ ୩୬୦-ଡିଗ୍ରୀ କ୍ୟାମ୍ପେନ୍ ସହିତ ବେଙ୍ଗାଲୁରୁ ଏଫ୍‌ସିର ପ୍ରଶଂସକମାନଙ୍କ ଅଭିଜ୍ଞତାକୁ ଆଲୋକିତ କରିବା ପାଇଁ ପ୍ରସ୍ତୁତ ରହିଛି। ଏସମ୍ପର୍କରେ ସନ୍ କିଙ୍ଗ୍‌ର ଏସିଆ ପାଇଁ ମାର୍କେଟିଂ ଲିଡ୍ ସୁରଭି ଶର୍ମା କହିଛନ୍ତି, ’ବେଙ୍ଗାଲୁରୁ ଏଫ୍‌ସି ସହ ଜଡିତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି। ଏହି ସହଭାଗିତା ଆମର ମିଳିତ ମୂଲ୍ୟବୋଧ ଓ ଉତ୍କର୍ଷତା ପାଇଁ ଚାଳନାକୁ ପ୍ରତିଫଳନ କରୁଛି। ଆମେ ଆଗକୁ ରହିଥିବା ଆଲୋକିତ ଯାତ୍ରା ପାଇଁ ଉତ୍ସାହର ସହ ଅପେକ୍ଷା କରିଛୁ।’ ସେହିପରି ବେଙ୍ଗାଲୁରୁ ଏଫ୍‌ସିର ଡାଇରେକ୍ଟର ଅଫ୍ ଫୁଟ୍‌ବଲ ଡାରେନ୍ କାଲଡେରା କହିଛନ୍ତି, ’ ଅନେକ ବର୍ଷ ହେବ ବେଙ୍ଗାଲୁରୁ ଏଫ୍‌ସି ପୃଥିବୀ ଉପରେ ଛାଡୁଥିବା କାର୍ବନ ଫୁଟ୍‌ପ୍ରିଂଟ୍‌କୁ ହ୍ରାସ କରିବା ପାଇଁ ଆମେ ନିରନ୍ତର ଭାବେ ଚେଷ୍ଟା କରିଆସୁଛୁ ଏବଂ ସନ୍ କିଙ୍ଗ୍ ସହିତ ଆମର ସହଭାଗିତା ଉକ୍ତ ଦିଗରେ ଆଉ ଏକ ପଦକ୍ଷେପ ଅଟେ। ଆମେ ଚଳିତ ବର୍ଷ ସନ୍ କିଙ୍ଗ୍ ସହିତ ଏକ ବୃହତ୍ ସ୍ତରରେ ସହଭାଗିତା କରିବା ପାଇଁ ଅପେକ୍ଷା କରିଛୁ ଏବଂ ମୁଁ ଏହି ସହଭାଗିତା ଧାରଣ କରିଥିବା ସମସ୍ତ ସମ୍ଭାବନାଗୁଡିକୁ ଦେଖିବା ପାଇଁ ପ୍ରତୀକ୍ଷା କରିଛି।’ଏହି ବିସ୍ତୃତ କ୍ୟାମ୍ପେନ୍ କେବଳ ନିଜକୁ ମାର୍କେଟିଙ୍ଗ୍ କୋଲାଟେରାଲ ମଧ୍ୟରେ ସୀମିତ ରଖିବ ନାହିଁ ବରଂ ବେଙ୍ଗାଲୁରୁ ଏଫ୍‌ସି ପ୍ରଶଂସକଙ୍କୁ ଭାରତର ଅଲ୍-ଟାଇମ୍ ଟପ୍ ଗୋଲ୍ ସ୍କୋରର ଏବଂ ଆନ୍ତର୍ଜାତୀୟ ସ୍ତରରେ ମେସି ଓ ରୋନାଲ୍ଡୋଙ୍କ ପରେ ବିଶ୍ୱର ୩ୟ ସ୍ଥାନରେ ଥିବା ଟପ୍ ଗୋଲ୍ ସ୍କୋରର୍ ସୁନୀଲ ଛେତ୍ରୀଙ୍କ ଭଳି ନିଜ ପସନ୍ଦର ଖେଳାଳିଙ୍କୁ ଭେଟିବାର ସୁଯୋଗ ପ୍ରଦାନ କରିବ। ନିର୍ଦ୍ଦିଷ୍ଟ ଭାଗ୍ୟଶାଳୀ ସନ୍ କିଙ୍ଗ ଗ୍ରାହକମାନେ ଶ୍ରୀ କାନ୍ତିରାବା ଷ୍ଟାଡିୟମରେ ଏକ ଲାଇଭ୍ ମ୍ୟାଚ୍ ପାଇଁ ମାଗଣା ଟିକେଟ୍ ପାଇପାରିବେ।

# ନିବେଶକ ସର୍ଭେର ଫଳାଫଳ ପ୍ରକାଶ କରିଛି ଆକ୍ସିସ ମ୍ୟୁଚୁଆଲ ଫଣ୍ଡ

ଭୁବନେଶ୍ୱର,(ପି.ଏନ): ଭାରତୀୟ ନିବେଶକଙ୍କ ମଧ୍ୟରେ ’ରିସ୍କ କମ୍ପ୍ରେହେନ୍‌ସନ’ ବା ସଙ୍କଟ ବୁଝିବା କ୍ଷମତା ବିଷୟରେ ଜାଣିବା ପାଇଁ ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ନିବେଶକ ସର୍ଭେ କରାଯାଇଛି । ଏହି ସର୍ଭେ ସାରା ଦେଶରୁ ୧୭୦୦ରୁ ଅଧିକ ଆକ୍ସିସ ଏମଏଫ ନିବେଶକଙ୍କ ଠାରୁ ପ୍ରତିକ୍ରିୟା ହାସଲ କରିଛି । ଏହି ସର୍ଭେର ଉଦ୍ଦେଶ୍ୟ ଥିଲା ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା ସଙ୍କଟ ଉପରେ ନିବେଶକଙ୍କ ମନୋଭବ ଏବଂ ବୁଝିବା କ୍ଷମତା ସମ୍ପର୍କରେ ଅନ୍ତର୍ଦୃଷ୍ଟି ହାସଲ କରିବା । ଏହି ସର୍ଭେରୁ ମିଳିଥିବା ଆକଳନ ସମ୍ପର୍କରେ ମତବ୍ୟକ୍ତ କରି ଆକ୍ସିସ ଏଏମସିର ଏମଡି ତଥା ସିଇଓ ଶ୍ରୀ ବି.ଗୋପକୁମାର କହିଛନ୍ତି ଯେ, ନ୍ତଏକ ଉଦ୍ୟୋଗ ଭାବେ ଆମେ ବିକାଶ ଜାରି ରଖିଥିବା ବେଳେ ନିବେଶକଙ୍କୁ ସୁଚିନ୍ତିତ ନିବେଶ ନିଷ୍ପତି ନେବା ପାଇଁ ସକ୍ଷମ କରିବା ଆମର ଦାୟୀତ୍ୱ। ଏକ୍ସିସ ମ୍ୟୁଚୁଆଲ ଫଣ୍ଡରେ ଦାୟୀତ୍ୱବାନ ନିବେଶ ସହଯୋଗୀ ଭାବେ ଆମେ ଆମର ଭୂମିକାକୁ ମୂଲ୍ୟାଙ୍କନ କରି ସେମାନଙ୍କର ନିବେଶ ଯାତ୍ରାରେ କେବଳ ଦିଗଦର୍ଶନ ଦେଇନଥାଉ ବରଂ ସେମାନଙ୍କର ମ୍ୟୁଚୁଆଲ ଫଣ୍ଡ ନିବେଶର ବିଭିନ୍ନ ବିଶେଷତ୍ୱ ବୁଝିବାରେ ସେମାନଙ୍କୁ ସାହାଯ୍ୟ କରିଥାଉ । ଯାହାଦ୍ୱାରା ନିଷ୍ପତି ନେବା ପାଇଁ ସମସ୍ତ ଦିଗ ଉପରେ ସେମାନେ ବିଚାର ବିମର୍ଷ କରିବାକୁ ଭଲ ଭାବେ ସମର୍ଥ ହୋଇଥାନ୍ତି ଏବଂ ସେମାନଙ୍କର ଆର୍ଥିକ ଲକ୍ଷ୍ୟ ପୂରଣ କରିଥାନ୍ତି ।ନ୍ତଆକ୍ସିସ ଏଏମସିର ସିଆଇଓ ଶ୍ରୀ ଆଶିଷ ଗୁପ୍ତା କହିଛନ୍ତିଯେ, ନ୍ତଆଜି ବାଜରରେ ବହୁ ସଂଖ୍ୟକ ନିବେଶକ ଯୋଡ଼ି ହୋଇଥିବାବେଳେ ’ସଙ୍କଟ’ ଏବଂ ’ସଙ୍କଟ ସାମ୍ନା କରିବା କ୍ଷମତା’ ବିଷୟରେ ଆଲୋଚନା ସର୍ବାଧିକ ନ୍ୟୁନତମ ରହିଛି । ତଥାପି ଏକ ସକାରାତ୍ମକ ଦିଗ ହେଲା ନିବେଶକମାନେ ’ରିସ୍କୋମିଟର’ ଏବଂ ’ରିସ୍କ ପ୍ରୋଫାଇଲର’ ଆଦି ଅବଧାରଣା ବିଷୟରେ ଅଧିକ ଜାଣିବାକୁ ଚାହୁଁଥିବା ଏହି ରିପୋର୍ଟର ଫଳାଫଳରୁ ଜଣାପଡ଼ିଛି ।

# ଧାମନଗର ମେଡିକାଲ କର୍ମଚ୍ାରୀ ବସନ୍ତଙ୍କ ମର୍ଡର ମିଷ୍ଟ୍ରି ଙ୍କ /ପରିବାର ଲୋକେ ଏସପିଙ୍କୁ ଦ୍ୱାରସ୍ଥ

ଭଦ୍ରକ,(ପି.ଏନ): ଧାମନଗର ବ୍ଲକରେ ୧୧ ଦିନ ତଳେ ଘଟିଥିବା ମେଡିକାଲ କର୍ମଚ୍ାରି ବସନ୍ତ ଙ୍କ ମୃତ୍ୟୁ ସାରା ଅଞ୍ଚଳରେ ଚ୍ହଳ ସୃଷ୍ଟି କରିବା ଶହ ପରିବାର ଲୋକେ ବସନ୍ତ ଙ୍କ ମୃତ୍ୟୁ କୁ ଭୁଲିପାରୁନଥିଲେ ବରଂ ବସନ୍ତଙ୍କୁ ମର୍ଡର କରାଯାଇଛି ବୋଲି ଅଭିଯୋଗ ମଧ ଧାମନଗର ଥାନାରେ କରିଥିଲେ ପରିବାର ଲୋକେ ।ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର କମଳଲୋଚ୍ନ ସାହୁଙ୍କ ପୁଅ ବସନ୍ତ ସାହୁ (୪୦)ଧାମନଗର ସରକାରୀ ମେଡିକାଲ ରେ ଜଣେ ଫାର୍ମାସିଷ୍ଟ ରୂପେ କାର୍ଯ୍ୟରତ ଥିଲେ, ବସନ୍ତ ବହୁଦିନ ଧରି ଏଠାରେ କାର୍ଯ୍ୟସମ୍ପୂର୍ଣ୍ଣ କରିଆସୁଥିଲେ ସେ ଜଣେ ମେଳାପୀ ଓ ମିଷ୍ଟଭାସି ଭଦ୍ର ନମ୍ର ଶୋଭାବର ବ୍ୟକ୍ତିଥିଲେ ହେଲେ ଗତ ୧୬ ତାରିଖରେ ଧାମନଗର ଦୋବଲ ମୁଖ୍ୟରାସ୍ତା ନିକଟରେ ଥିବା ଜରାନିବାସ



ଧାନ ବିଲରୁ ତାଙ୍କ ମୃତ ଦେହ ମିଳିବାକୁ ନେଇ ସମସ୍ତଙ୍କ ମନରେ ଏକ ସନ୍ଦେହ ସୃଷ୍ଟି ହୋଇଥିଲା ତାଙ୍କ ଘରଲୋକଙ୍କ କହିବା ଅନୁଯାଇ ବସନ୍ତକୁ ଯୋଜନାବଧ ଭାବେ ପୂର୍ବରୁ ଶତ୍ରୁତା ଥିବା ଅସୁରାଳୀ ଗ୍ରାମର ଅଜିତ ସାହୁ ନାମକ ବ୍ୟକ୍ତି ତାଙ୍କୁ ହତ୍ୟା କରିଛନ୍ତି ବୋଲି ସନ୍ଦେହ କରି ଧାମନଗର ଥାନାରେ ଏତଲା ମଧ ଦେଇଥିଲେ ପରିବାର ଲୋକେ ଏବଂ ପ୍ରକୃତ ଦୋଷୀଙ୍କୁ ଧରି ଦଣ୍ଡ ଦିଆଯାଉ ବୋଲି ଗ୍ରାମବାସୀ ମନେ ଥାନା ଆଗରେ ଧାରଣା ମଧ ଦେଇଥିଲେ ।ସବୁଠାରୁ ବଡ କଥା ହେଉଛି ବସନ୍ତ ନିଖୋଜ ଥିବା ଦିନ ଅଜିତ ସାହୁ ଓ ବସନ୍ତ ଙ୍କ ସାଙ୍ଗରେ ଏକ ଆପୋଷ ସମାଧାନ ଭଦ୍ର ଲୋକଙ୍କ ସାଙ୍ଗରେ ବସି ହୋଇଥିଲା ଏବଂ ଆଲୋଚ୍ନା ଦିନହିଁ ଏକ ବନ୍ଦ କୋଠରୀ ଭିତରେ ଅଜିତ ବସନ୍ତ ଙ୍କୁ ମାଡ ମାରୁଥିବାର ଭିଡିଓ ଗତ କିଛି ଦିନ ଧରି ସାମାଜିକ ଗଣମାଧ୍ୟମ ରେ ଭାଇରଲ ହେବାରେ ଲାଗିଥିବା ସତ୍‌ବେ ମଧ ଧାମନଗର ପୋଲିସ ଦୋଷୀଙ୍କୁ ନଧରି ଚୁପ ରହିବ ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରୁଛି ଯାହା ବିରୋଧରେ ଆଜି ବସନ୍ତ ଙ୍କ ସାରା ପରିବାର ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କୁ ଗୁହାରି ଜଣାଇବା ଶହ ପ୍ରକୃତ ଦୋଷୀକୁ ଧରି ଦଣ୍ଡ ଦେବା ପାଇଁ ନ୍ୟାୟ ଭିକ୍ଷା କରିଛନ୍ତି ଏବଂ ଯଦି ଆମକୁ ନ୍ୟାୟ ନମିଳେ ତେବେ ସପରିବାର ଆତ୍ମହୁତି ଦେବୁବୋଲି ଚେତାବନୀ ଦେଇଛନ୍ତି ବସନ୍ତଙ୍କ ପରିବାର ଲୋକେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray